ବର୍ଷ-୨୬, ସଂଖ୍ୟା-୧୯୦
ଭୁବନେଶ୍ୱର
୧୬, ଜୁଲାଇ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 190
Bhubaneswar
16 July, 2026, Thursday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ଆଜି ଘୋଷଯାତ୍ରା



ପୁରୀ, ୧୫।୭(ମହାଭାରତ):ପୁରୀ: ଆଉ ମାତ୍ର କିଛି କ୍ଷଣର ଅପେକ୍ଷା । ଶ୍ରୀମନ୍ଦିରର ରତ୍ନସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇଆସିବେ ଚତୁର୍ଦ୍ଧାମୂରତି । ବଡ଼ଦାଣ୍ଡରେ ହେବ ଭକ୍ତ ଓ ଭଗବାନଙ୍କ ମହାମିଳନ। ଯାହାର ଟିକେ ଝଲକ ଦେଖିବାକୁ ଚାତକ କରି ଚାହିଁ ବସିଛନ୍ତି ବିଶ୍ୱର ଲକ୍ଷ ଲକ୍ଷ ଭକ୍ତ । ବିଶ୍ୱ ନିୟନ୍ତାଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ । ସେପଟେ ରଥଖଳାକୁ ଆଜ୍ଞାମାଳ ବିଜେ ପରେ ଆଜି ସିଂହଦ୍ୱାର ସମ୍ମୁଖରେ ତିନି ରଥ ଲାଗିଛି । ପ୍ରଥମେ ଶ୍ରୀମନ୍ଦିରରୁ ୩ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ବିଜେ କରିଥିଲେ । ତିନି ରଥରେ ଆଜ୍ଞାମାଳ ବିଜେ ହୋଇଥିଲା । ଆଉ ସେହି ସମୟରେ ବାଜି ଉଠିଥିଲା ବିଜେ କାହାଳୀ । ବିଧି ଅନୁସାରେ ପ୍ରଥମେ ନନ୍ଦିଘୋଷ ରଥ ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା । ଘଣ୍ଟ ନାଦରେ ତାଳେ ତାଳେ, ହରିବୋଲ ହୁଳହୁଳି ଶବ୍ଦରେ , ଭୋଇ ସେବାୟତ ଏବଂ ପୋଲିସ ବାହିନୀ ରଥକୁ ଟାଣି ଟାଣି ସିଂହଦ୍ୱାର ସମ୍ମୁଖକୁ ନେଇଥିଲେ । କିଛି ସମୟ ପାଇଁ ବଡ଼ଦାଣ୍ଡରେ ରଥଯାତ୍ରାର ଭ୍ରମ ସୃଷ୍ଟି ହୋଇଥିଲା । ଏହା ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ବଡ଼ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥିଲା । ବର୍ତ୍ତମାନ ସିଂହଦ୍ୱାର ସମ୍ମୁଖରେ ଗୁଣ୍ଡିଚା ମନ୍ଦିରକୁ ମୁଖ କରି ତିନି ରଥ ଦଣ୍ଡାୟମାନ ହୋଇଛନ୍ତି ।

ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାକୁ ନେଇ ସମଗ୍ର ଓଡ଼ିଶା ସହ ଦେଶ-ବିଦେଶର ଭକ୍ତଙ୍କ ଉତ୍ସାହ ଚରମ ସୀମାରେ ପହଞ୍ଚିଛି। ଏହାରି ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆସନ୍ତାକାଲିର ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ନୀତିକାନ୍ତି ଓ କାର୍ଯ୍ୟସୂଚୀ ପ୍ରକାଶ କରିଛି। ସବୁଠୁ ବଡ଼ ଆକର୍ଷଣ ହେଉଛି, ଅପରାହ୍ନ ୪ଟାରୁ ମହାପ୍ରଭୁଙ୍କ ତିନି ରଥ ବଡ଼ଦାଣ୍ଡରେ ଗଡ଼ିବା ଆରମ୍ଭ କରିବ।

**ଶ୍ରୀମନ୍ଦିର ସମ୍ମୁଖରେ ତିନି ରଥ**

**ଅପରାହ୍ନ ୪ଟାରୁ ରଥଟଣା**

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ସକାଳ ୯ଟାରେ ରଥ ପ୍ରତିଷ୍ଠା ନୀତି ଆରମ୍ଭ ହେବ। ଏହାପରେ ସକାଳ ୯ଟା ୩୦ରୁ ଦିନ ୧୨ଟା ୩୦ ପର୍ଯ୍ୟନ୍ତ ପହଣ୍ଡି ବିଜେ ଅନୁଷ୍ଠିତ ହେବ। ଏହି ସମୟରେ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ପାରମ୍ପରିକ ରୀତିନୀତିରେ ରତ୍ନସିଂହାସନରୁ ପହଣ୍ଡି କରାଯାଇ ରଥ ଉପରକୁ ବିଜେ କରାଯିବ।

ତା'ପରେ ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ଗଜପତି ମହାରାଜଙ୍କ ଦ୍ୱାରା ପବିତ୍ର 'ଛେରା ପହଁରା' ନୀତି ସମ୍ପନ୍ନ ହେବ। ଏହି ପରମ୍ପରା ଶ୍ରୀଜଗନ୍ନାଥ ସଂସ୍କୃତିରେ ସମାନତା ଓ ସେବାଭାବର ପ୍ରତୀକ ଭାବେ ପରିଚିତ। ଛେରା ପହଁରା ଶେଷ ହେବା ପରେ ଠିକ୍ ଅପରାହ୍ନ ୪ଟାରେ ତିନି ରଥ ଟଣା ଆରମ୍ଭ ହେବ, ଯାହାକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ସମବେତ ହେବେ।

ଚଳିତବର୍ଷ ରଥଯାତ୍ରାରେ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ଓ ସୁଚାରୁ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଭକ୍ତମାନଙ୍କୁ ନିର୍ଦ୍ଧାରିତ ସମୟସୂଚୀ ପାଳନ କରିବା, ପ୍ରଶାସନର ନିର୍ଦ୍ଦେଶ ମାନିବା ଏବଂ ଶୃଙ୍ଖଳା ବଜାୟ ରଖି ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଆସନ୍ତାକାଲି ବଡ଼ଦାଣ୍ଡରେ ଯେତେବେଳେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ଗଡ଼ିବ, ସେତେବେଳେ ପୁଣିଥରେ ସୃଷ୍ଟି ହେବ ଭକ୍ତି, ପରମ୍ପରା ଓ ବିଶ୍ୱାସର ଅଦ୍ୱିତୀୟ ଦୃଶ୍ୟ। ଏହି ଦିବ୍ୟ ମୁହୂର୍ତ୍ତକୁ ସାକ୍ଷୀ ରଖିବା ପାଇଁ କେବଳ ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱର ନଜର ଏବେ ଶ୍ରୀକ୍ଷେତ୍ର ପୁରୀ ଉପରେ।

## ଓଡ଼ିଶା ପାଇଁ କେନ୍ଦ୍ର କ୍ୟାବିନେଟ୍‌ରେ ବଡ ନିଷ୍ପତ୍ତି

## ଦୋହରୀକରଣ ହେବ ପାରାଦୀପ-ହରିଦାସପୁର ରେଲୱେ ଲାଇନ୍

ନୂଆଦିଲ୍ଲୀ, ୧୫।୭(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ଅର୍ଥନୈତିକ ବ୍ୟାପାର କମିଟି (ଉଉରଇ) ରେଳ ମନ୍ତ୍ରଣାଳୟର ଦୁଇଟି ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ବ୍ୟୟ ୩,୯୦୭ କୋଟି ଟଙ୍କା ରହିଛି। ଏହାର ଲକ୍ଷ୍ୟ ହେଲା ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ରେଳ କ୍ଷମତା ବୃଦ୍ଧି କରିବା, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ମାଲ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା।

ମଞ୍ଜୁରୀ ପାଇଥିବା ପ୍ରକଳ୍ପଗୁଡ଼ିକ ହେଲା ପାରାଦୀପ-ହରିଦାସପୁର ଦୋହରୀକରଣ ପ୍ରକଳ୍ପ ଏବଂ ରାଜଖରସୁଆଁ-ଡାଙ୍ଗୁଆପୋଷୀ ଚତୁର୍ଥ ଲାଇନ୍ ପ୍ରକଳ୍ପ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଭାରତୀୟ ରେଳ ନେଟୱର୍କରେ ପ୍ରାୟ ୧୪୫ କିଲୋମିଟର ରେଳପଥ ଯୋଡ଼ିହେବ ଏବଂ ଏହା ୨୦୩୦-୩୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଧାର୍ଯ୍ୟ କରାଯାଇଛି। ସରକାରଙ୍କ ଅନୁଯାୟୀ, ଏହି ପ୍ରକଳ୍ପଗୁଡ଼ିକ 'ପିଏମ୍ ଗତି ଶକ୍ତି' ଜାତୀୟ ମାଷ୍ଟର ପ୍ଲାନ ସହିତ ସମାନ ଭାବେ କାର୍ଯ୍ୟ କରିବ, ଯାହା ମଲ୍ଟିମୋଡାଲ କନେକ୍ଟିଭିଟି ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା ପାଇଁ ସମନ୍ୱିତ ଭିତ୍ତିଭୂମି ଯୋଜନା ଉପରେ ଗୁରୁତ୍ୱ ଦେଉଛି। ସରକାର ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି ଯେ ଏହି ପ୍ରକଳ୍ପ ଦ୍ୱାରା ରେଳ କ୍ଷମତା ବୃଦ୍ଧି ପାଇବା ସହିତ ଗତିଶୀଳତା, କାର୍ଯ୍ୟକ୍ଷମତା ଏବଂ ସେବାର ନିର୍ଭରଯୋଗ୍ୟତାରେ ବଡ଼ ଧରଣର ସୁଧାର ଆସିବ। ଏଥିସହିତ ପ୍ରମୁଖ ମାଲ ପରିବହନ କରିଡରଗୁଡ଼ିକରେ ଭିଡ଼ ମଧ୍ୟ କମିବ। ଏହି ବିବୃତିରେ କୁହାଯାଇଛି ଯେ ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ 'ନୂତନ ଭାରତ' ସଂକଳ୍ପକୁ ସାକାର କରିବ। ଏଗୁଡ଼ିକ ସାମଗ୍ରିକ ବିକାଶ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସ୍ୱାବଲମ୍ବୀ ବା 'ଆତ୍ମନିର୍ଭର' କରିବା ସହ ରୋଜଗାର ସୁଯୋଗ ସୃଷ୍ଟି କରିବ। ଏହି ପ୍ରକଳ୍ପ ଓଡ଼ିଶା ଏବଂ ଝାଡ଼ଖଣ୍ଡର ୪ଟି ପ୍ରମୁଖ ଜିଲ୍ଲାକୁ ସଂଯୋଗ କରିବ। ଏହା ଦ୍ୱାରା ପ୍ରାୟ ୧,୫୨୬ଟି ଗ୍ରାମର ୧୪ ଲକ୍ଷ ଜନସଂଖ୍ୟା ସିଧାସଳଖ ଉପକୃତ ହେବେ। ଏହି କ୍ଷମତା ବୃଦ୍ଧି ଫଳରେ ଲଳିତଗିରି ବୌଦ୍ଧ କମ୍ପ୍ଲେକ୍ସ, ଶ୍ରୀ ବଳଦେବଜୀଉ ମନ୍ଦିର ଏବଂ ମେଘାହାତୁବୁରୁ ପାହାଡ଼ ସମେତ ଅନେକ ପର୍ଯ୍ୟଟନ ସ୍ଥଳୀକୁ ଯିବା ସହଜ ହେବ। ସରକାରଙ୍କ କହିବା ଅନୁଯାୟୀ, ଏହି ରେଳପଥଗୁଡ଼ିକ କୋଇଲା, ଲୁହାପଥର, ଡୋଲୋମାଇଟ୍, ଚୂନପଥର ଏବଂ ଜିପସମ୍ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ଅତିରିକ୍ତ ୪୪ ମିଲିୟନ ଟନ ମାଲ ପରିବହନ ସମ୍ଭବ ହେବ। ଏହି ପ୍ରକଳ୍ପ ଦ୍ୱାରା ପରିବେଶକୁ ମିଳିବାକୁ ଥିବା ଲାଭ ଉପରେ ଆଲୋକପାତ କରି ସରକାର କହିଛନ୍ତି ଯେ, ଏହି ଉନ୍ନତ ରେଳ ଭିତ୍ତିଭୂମି ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ, ପ୍ରାୟ ୬ କୋଟି ଲିଟର ତୈଳ ଆମଦାନୀ ସଞ୍ଚୟ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନକୁ ୨୯ କୋଟି କିଲୋଗ୍ରାମ କମ୍ କରିବ।






## କମିଶନ ଫାଇଲ ହଜିବା ଘଟଣା: ମନୋଜ ମିଶ୍ର ଓ ରାଜେଶ ବର୍ମାଙ୍କୁ ନୋଟିସ୍ ପଠାଇଲା କମିଶନରେଟ ପୁଲିସ

ଭୁବନେଶ୍ୱର, ୧୫।୭(ମହାଭାରତ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ କମିଶନରେଟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଜେଡି ସରକାରରେ ପ୍ରଭାବଶାଳୀ ଅଫିସର ତଥା ପୂର୍ବତନ ଆଇଟି ସଚିବ ମନୋଜ କୁମାର ମିଶ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ତତକାଳୀନ ପ୍ରମୁଖ ସଚିବ ରାଜେଶ କୁମାର ବର୍ମାଙ୍କୁ ନୋଟିସ୍ ଜାରି କରିଛି। ସର୍ବଭାରତୀୟସ୍ତରର ଏହି ଦୁଇ ଅବସରପ୍ରାପ୍ତ ଅଫିସରଙ୍କୁ ୩ଦିନ ମଧ୍ୟରେ ତଦନ୍ତକାରୀ ଅଫିସର ପାଖରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଛି ।

ମିଳିଥିବା ସୂଚନା ଅନୁସାରେ, କମିଶନରେଟ ପୁଲିସ ନିଜର ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ଏହି ମାମଲାର ଖୋଳତାଡ କରିବା ପରେ ଏହି ଦୁଇ ବରିଷ୍ଠ ଅଫିସରଙ୍କୁ ନୋଟିସ୍ ଜାରି କରିଛି । ଶ୍ରୀ ମିଶ୍ର ଆଇଟି ସଚିବ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଏସଡି ଭାବେ କାର୍ଯ୍ୟ କରୁଥିଲେ ଓ ବିଜେଡି ସରକାର କ୍ଷମତାରୁ ଯିବା ପରେ ଚାକିରିରୁ ଇସ୍ତଫା ଦେଇଥିଲେ।

ଅବସରପ୍ରାପ୍ତ ଆଇଆରଟିଏସ୍ ଅଫିସର ଶ୍ରୀ ମିଶ୍ର ହେଉଛନ୍ତି ବିଜେଡିର ସର୍ବ ?ସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତାଙ୍କ ଘନିଷ୍ଠ ବନ୍ଧୁ। ସେହିପରି ୧୯୮୭ ବ୍ୟାଚର ଆଇଏଏସ୍ ଅଧିକାରୀ ରାଜେଶ ବର୍ମା ୨୦୧୭ ଜାନୁୟାରୀରୁ ୨୦୨୨ ଅଗଷ୍ଟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଥିଲେ ଓ ଏବେ ସେ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୮ ମସିହାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ଜଷ୍ଟିସ ନାଇଡୁ କମିଶନ ରିପୋର୍ଟ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ଆରଡିସି ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ହୋଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଗତ ଜୁନ୍ ମାସରେ ପୁଲିସରେ ଏଫଆଇଆର ଦିଆଯାଇଥିଲା । ୨୦୨୪ ଜୁନ୍ ୪ ତାରିଖରେ ନିର୍ବାଚନ ପରିଣାମ ବିଜେପି ସପକ୍ଷରେ ଯିବା ପରେ ସିଏମଓରୁ ଗୃହ ବିଭାଗକୁ ସମସ୍ତ ଫାଇଲ ପଠାଯାଇଥିଲେ ମଧ୍ୟ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଫେରିନଥିଲା ବୋଲି ଏଫଆଇଆରରେ ଉଲ୍ଲେଖ ଥିଲା।


ସତ୍ୟମେବ ଜୟତେ



**ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0083

15001/83/2627



**ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ। ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



### ଖବର

## ଫ୍ୟାଣ୍ଟାସି ହରର୍ ଫିଲ୍ମ 'ତୁମ୍ବାଡ୍'ର ସିକ୍ୱେଲରେ ନଜର ଆସିବେ ଆଲିଆ ଭଟ୍ଟ



'ଆଲଫା' ପରେ ବଲିଉଡର ଲୋକପ୍ରିୟ ନାୟିକା ଆଲିଆ ଭଟ୍ଟ ଆଉ ଏକ ହିନ୍ଦୀ ସିନେମାରେ ନଜର ଆସିବେ। ୨୦୧୮ର କଲ୍ଟ ଫ୍ୟାଣ୍ଟାସି ହରର୍ ଫିଲ୍ମ 'ତୁମ୍ବାଡ୍'ର ସିକ୍ୱେଲ୍ 'ତୁମ୍ବାଡ୍ ୨'ର ସେ ଅଭିନୟ କରିବେ। ଏହି ଫିଲ୍ମରେ ଅଭିନେତା ସୋହମ୍ ଶାହ ଏବଂ ନଓ୍ୱାଜୁଦ୍ଦିନ୍ ସିଦ୍ଦିକୀଙ୍କ ସହ ଅଭିନୟ କରିବେ, ଯାହା ଡିସେମ୍ବର ୩, ୨୦୨୭ରେ ସିନେମା ହଲରେ ମୁକ୍ତିଲାଭ କରିବ। ଏହି ସିକ୍ୱେଲର ନିର୍ଦ୍ଦେଶନା ଆଦେଶ ପ୍ରସାଦ ଦେଉଥିବା ବେଳେ ଏବଂ ଏହାକୁ ସୋହମ୍ ଶାହ ଫିଲ୍ମସ୍ ପେନ୍ ଷ୍ଟୁଡିଓ ସହିତ ମିଶି ନିର୍ମାଣ କରୁଛନ୍ତି।ଏହି ସିନେମାରେ କାମ କରିବା ନେଇ ଆଲିଆ କହିଛନ୍ତି ଯେ ମୂଳ ଫିଲ୍ମଟି ତାଙ୍କ ଉପରେ ଏକ ସ୍ଥାୟୀ ଛାପ ଛାଡ଼ିଛି। ସେ କହିଛନ୍ତି, ତୁମ୍ବାଡ୍ ଦେଖିବା ପରଠାରୁ ମୁଁ ମୋ ସହିତ ରହିଛି। ବହୁତ କମ୍ ଫିଲ୍ମ ଏପରି ଏକ ଦୁନିଆ ସୃଷ୍ଟି କରନ୍ତି ଯାହା ଏହି ମୌଳିକ ଏବଂ ନିମଜ୍ଜିତ ଅନୁଭବ କରେ, ଏବଂ ମୁକ୍ତିଲାଭ କରିବାର ବର୍ଷ ପରେ ମଧ କମ୍ ଲୋକଙ୍କ କଳ୍ପନାରେ ବଢ଼ି ଚାଲିଥାଏ। ଏହା ହିଁ ଏହି ସୁଯୋଗକୁ ଏତେ ରୋମା□କର କରିଥାଏ।ସେ ଆହୁରି କହିଛନ୍ତି, ବର୍ତ୍ତମାନ ସେହି ଦୁନିଆର ଏକ ଅଂଶ ହେବା ଅତ୍ୟନ୍ତସ୍ୱତନ୍ତ୍ର। ମୁଁ ସୋହମ୍ ଏବଂ ନଓ୍ୱାଜ୍, ଦୁଇ କଳାକାରଙ୍କ ସହିତ କାମ କରିବାକୁ ଏବଂ ତୁମ୍ବାଡ୍ ପରି ସମୃଦ୍ଧ, ରହସ୍ୟମୟ ଏବଂ ଅବିସ୍ମରଣୀୟ କାହାଣୀର ଏକ ଚରିତ୍ରକୁ ଅନୁସନ୍ଧାନ କରିବାକୁ ଅପେକ୍ଷା କରିଛି। ଆମେ ଏକାଠି ଯାହା ସୃଷ୍ଟି କରୁଛୁ ତାହା ଦର୍ଶକଙ୍କୁ ଅନୁଭବ କରିବା ପାଇଁ ମୁଁ ଅପେକ୍ଷା କରିପାରୁନାହିଁ।ତୁମ୍ବାଡ୍ ବ୍ରହ୍ମାଣ୍ଡକୁ ବିସ୍ତାର କରିବାକୁ ଫେରିଥିବା ଅଭିନେତା-ପ୍ରଯୋଜକ ସୋହମ୍ ଶାହ, ଆଲିଆଙ୍କୁ ପ୍ରୋଜେକ୍ଟରେ ସ୍ୱାଗତ କରିଛନ୍ତି। ସେ ଦୃଢ଼ତାର ସହିତ କହିଛନ୍ତି, ତୁମ୍ବାଡ୍ ୨' ରେ ଆଲିଆ ଭଟ୍ଟଙ୍କୁ ସାମିଲ କରିବା ଆମ ସମସ୍ତଙ୍କ ପାଇଁ ପ୍ରକୃତରେ ଆନନ୍ଦଦାୟକ। ସେ ନିସନ୍ଦେହରେ ଏହି ପିଢ଼ିର ସବୁଠାରୁ ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ଏବଂ ମୁଁ ନିଶ୍ଚିତ ଯେ ଦର୍ଶକମାନେ ତାଙ୍କ ସହିତ ଫିଲ୍ମରେ କିଛି ଅନନ୍ୟ ଦେଖିବାର ସୁଯୋଗ ପାଇବେ।

## ଘୋଷଯାତ୍ରା ପାଇଁ ନୀତି ନିର୍ଘଣ୍ଟ



ଆସିଲା ଆଜ୍ଞାମାଳ, ସିଂହଦ୍ୱାର ସମ୍ମୁଖରେ ଲାଗିଲା ତିନି ରଥ । ଘଣ୍ଟ, ମୃଦଙ୍ଗ, କାହାଳି ନାଦରେ କମ୍ପିଲା ବଡ଼ଦାଣ୍ଡ । ଆଜ୍ଞାମାଳ ବିଜେ ପରେ ତିନି ରଥକୁ ଟାଣି ଆଣିଲେ ସୁରକ୍ଷା ବାହିନୀ ଓ ପୁଲିସ । ପରମ୍ପରା ଅନୁସାରେ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାର ଆଗରେ ଲାଗିଛି । ଏବେ ଚତୁର୍ଦ୍ଧା ବିଗ୍ରହଙ୍କୁ ଅପେକ୍ଷା । ନୀଳକନ୍ଦର ଛାଡ଼ି ବାହୁଡ଼ି ଆସିବେ ନୀଳମଣି । ଭକ୍ତଙ୍କୁ ଦେବେ ଦର୍ଶନ। ଚକା ଆଖି ସହ ଆଖି ମିଶାଇବାକୁ ବ୍ୟାକୁଳ ଶ୍ରଦ୍ଧାଳୁ । ରାତି ପାହିଲେ ଘୋଷଯାତ୍ରା । ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଯିବେ ଶ୍ରୀଜିଉ। ସଭିଏଁ ହେବେ ଏକାକାର ।ଭକ୍ତଙ୍କ ଭିଡ଼ରେ ଉଛୁଳିବ ବଡ଼ଦାଣ୍ଡ । ତେଣୁ କଡ଼ା ସୁରକ୍ଷା ବଳୟରେ ରହିଛି ଶ୍ରୀକ୍ଷେତ୍ର । ସେହିପରି ଠାକୁରଙ୍କ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି । ସକାଳ ୬ଟା: ମଙ୍ଗଳ ଆଳତି। ୬ଟା ୧୦ରୁ ୬ଟା ୩୦: ମଇଲମ ଓ ତଡ଼ପଲାଗି ୬ଟା ୩୦: ରୋଷହୋମ। ସକାଳ ୭ଟା: ଅବକାଶ। ୭ଟା ୧୦: ସୂର୍ଯ୍ୟପୂଜା। ୭ଟା ୩୦: ଦ୍ୱାରପାଳ ପୂଜା ୭ଟା ୩୦: ବେଶ ଶେଷ। ୮ଟାରୁ ୯ଟା: ଗୋପାଳବଲ୍ଲଭ ଓ ସକାଳ ଧୂପ (ଖେଚୁଡ଼ି ଭୋଗ)। ପୂର୍ବାହ୍ନ ୯ଟା: ରଥ ପ୍ରତିଷ୍ଠା। ୯ଟା ୧୫: ମଙ୍ଗଳାର୍ପଣ। ୯ଟା ୩୦: ପହଣ୍ଡି ଆରମ୍ଭ। ୧୨ଟା ୩୦: ପହଣ୍ଡି ଶେଷ। ୧୨ଟା ୩୦ରୁ ୧ଟା: ମଦନମୋହନ ବିଜେ ୧ଟା ୩୦ରୁ ୨ଟା: ଚିତାଲାଗି ।୧ଟା ୩୦ରୁ ୨ଟା ୩୦: ବେଶ ଶେଷ ଅପରାହ୍ଣ ୨ଟାରୁ ୩ଟା: ଛେରାପହଁରା ୩ଟାରୁ ୪ଟା: ଚାରମାଳ ଓ ଘୋଡ଼ା ସାରଥୀ ଲାଗିବା ଅପରାହ୍ଣ ୪ଟାରୁ ରଥ ଟଣା ଆରମ୍ଭ

## ରଥଯାତ୍ରା ଦେଖିବାକୁ ଯାଇ ଅଧାରୁ ପଳାଇ ଆସିଲେ ଶୁଭ ନା ଅଶୁଭ

ଜଗନ୍ନାଥ ରଥଯାତ୍ରା ହିନ୍ଦୁ ଧର୍ମର ଏକ ବଡ଼ ଏବଂ ପବିତ୍ର ପର୍ବ, ଯାହା ପ୍ରତିବର୍ଷ ପୁରୀରେ ମହା ଆଡମ୍ବରରେ ପାଳନ କରାଯାଏ। ଏହା ବ୍ୟତୀତ, ଭାରତର ଅନେକ ରାଜ୍ୟର ସହରରେ ମଧ ଏହି ଯାତ୍ରା ହୋଇଥାଏ। କିନ୍ତୁ ପୁରୀରେ ଏହାର ବିଶେଷତ୍ୱ ଅଲଗା। ଏହି ସମୟରେ ପ୍ରଭୁ ଜଗନ୍ନାଥ ରଥରେ ବିଜେ କରି ନିଜର ମା' ପାଖକୁ ଅର୍ଥାତ୍ ଗୁଣ୍ଡିଚା ଘରକୁ ଯାଆନ୍ତି। ବିଶ୍ୱାସ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସ୍ୱଚକ୍ଷୁରେ ରଥଯାତ୍ରା ଦେଖନ୍ତି, ତେବେ ତାଙ୍କର ଖରାପ ଦିନ ଶୀଘ୍ର ଶେଷ ହେବା ଆରମ୍ଭ ହୁଏ ଏବଂ ତାଙ୍କ ପାଇଁ ମୋକ୍ଷର ଦ୍ୱାର ଖୋଲିଯାଏ।ଏହି ରଥଯାତ୍ରା ୧୦ଦିନ ପର୍ଯ୍ୟନ୍ତ ଚାଲିଥାଏ। ଏପରି ପରିସ୍ଥିତିରେ, ଯଦି କୌଣସି କାରଣରୁ ଆପଣ ରଥଯାତ୍ରା ଅଧାରୁ ପଳାଇ ଆସନ୍ତି ତାହା ଶୁଭ ନା ଅଶୁଭ ଆସନ୍ତୁ ଜାଣିବା ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୨୭ ଜୁନରୁ ଆରମ୍ଭ



ହେଉଛି। ଏହି ସମୟ ମଧ୍ୟରେ ବଳଭଦ୍ର, ସୁଭଦ୍ରା ଏବଂ ପ୍ରଭୁ ଜଗନ୍ନାଥ ଗୁଣ୍ଡିଚା ମନ୍ଦିରକୁ ଯିବେ। ତା'ପରେ ୫ ଜୁଲାଇରେ, ବାହୁଡା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରି ଆସିବେ।ଧାର୍ମିକ ବିଶ୍ୱାସ ଅନୁସାରେ, ଯଦି ଆପଣ ଜଗନ୍ନାଥ ରଥଯାତ୍ରାକୁ ଯାଉଛନ୍ତି ଏବଂ କୌଣସି କାରଣ କିମ୍ବା ହଠାତ ବାଧବାଧକତା କିମ୍ବା ବିଶେଷ ପରିସ୍ଥିତି ଯୋଗୁଁ ଆପଣଙ୍କୁ ଯାତ୍ରାକୁ ଅପୂର୍ଣ୍ଣ ଛାଡିବାକୁ ପଡ଼େ, ତେବେ ଏଥିରେ କୌଣସି ପ୍ରକାରର ଦୋଷ ନାହିଁ। ପ୍ରଭୁ ଜଗନ୍ନାଥ ଭକ୍ତର ଭଗବାନ, ଯଦି ଆପଣ ସ୍ୱ ହୃଦୟରେ ଯାତ୍ରାରେ ଯୋଗ ଦେବାକୁ ଚାହାଁନ୍ତି କିନ୍ତୁ କୌଣସି ବାଧବାଧକତା ଯୋଗୁଁ ଯାତ୍ରା କରିପାରିବେ ନାହିଁ, ତେବେ ଭଗବାନ ମଧ ଆପଣଙ୍କ ପରିସ୍ଥିତି ବୁଝିପାରନ୍ତି। ଯଦି ଆପଣ ଜଗଉାଥଙ୍କ ମୂର୍ତ୍ତି ଘରକୁ ଆଣୁଛନ୍ତି, ତେବେ ମନେରଖନ୍ତୁ ଯେ ଏହାକୁ ଏକ ଉପଯୁକ୍ତ ସ୍ଥାନରେ ରଖନ୍ତୁ। ମୂର୍ତ୍ତିକୁ କିଛି କୋଣରେ ନୁହେଁ, ଏକ ସୁରକ୍ଷିତ ସ୍ଥାନରେ ରଖିବା ସର୍ବଦା ଭଲ। ଆପଣ ଏହାକୁ ପୂଜା ଘରେ ରଖିପାରିବେ।

## ସୁନେଲୀ ରଙ୍ଗର ତ୍ୱଚା ପାଇଁ

ସାଧାରଣତଃ ସୁନ୍ଦର ଓ ଚିକ୍କଣ ତ୍ୱଚା ପାଇବା ପାଇଁ ସମସ୍ତଙ୍କର ଇଚ୍ଛା ଥାଏଙ ଏଥିପାଇଁ ଲୋକେ ଅନେକ ଉପାୟ ଆପଣାଇ ଥାଆନ୍ତିଙ ହେଲେ କାହାକୁ ସୁଫଳ ମିଳେ ତ ପୁଣି ଆଉ କାହାର ବିଭିନ୍ନ ସାମଗ୍ରୀର ବ୍ୟବହାର କରିବା ଦ୍ୱାରା ପ୍ରତିକ୍ରିୟା ସୃଷ୍ଟି ହୋଇ ବିପରୀତ ଫଳ ମିଳିଥାଏ। ତେବେ ଏପରି କିଛି ଘରୋଇ ଉପାୟ ରହିଛି ଯାହାକୁ ଆପଣାଇବା ଦ୍ୱାରା ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ତ୍ୱଚା ଉଜ୍ଜ୍ୱଳ ଓ ଚିକ୍କଣ ହୋଇଥାଏ। ଚାଲନ୍ତୁ ଜାଣିବା ସେହି ସବୁ ଉପାୟ ବିଷୟରେ:



ଯଦି ଆପଣଙ୍କ ତ୍ୱଚା ତେଲିଆ ଓ ମୁହଁରେ ବ୍ରଣ ହେଉଛି, ପାଚିଲା ଅମୃତଭଣ୍ଡା ବଟା, ଚନ୍ଦନ ପାଉଡର କିମ୍ବା ମୁଲତାନି ମାଟି, ମହୁକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୨୦ ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ବ୍ୟବହାର କରିବାଦ୍ୱାରା ଆପଣଙ୍କ ତ୍ୱଚାର ତେଲିଆ ପଣ କମିଯିବ, ବ୍ରଣ ସମସ୍ୟା ଦୂର ହେବ ଏବଂ ମୁହଁ ଉଜ୍ଜ୍ୱଳ ଦେଖାଯିବ। ମୁହଁ ପାଇଁ ମହୁ ଖୁବ୍ ଲାଭଦାୟକ ହୋଇଥାଏ। ମାତ୍ର ଗୋଟିଏ ବୁନ୍ଦା ମହୁ ଆଣି ସେଥିରେ ସାମାନ୍ୟ ଗୋଲାପ ଜଳ ମିଶ୍ରଣ କରି ତାହାକୁ ମୁହଁରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମାଲିସ କରନ୍ତୁ। ଦେଖିବେ ଆପଣଙ୍କ ମୁହଁ ସଫା ରହିବା ସହ ନରମ ମଧ ଲାଗିବ। ହଳଦୀ ମଧ ତ୍ୱଚା ପାଇଁ ବହୁତ ଉପକାରୀୟ ଆପଣ ସାମାନ୍ୟ ହଳଦୀଗୁଣ୍ଡ ହାତରେ ନିଅନ୍ତୁ। ସେଥିରେ ଟିକେ ମହୁ ଓ ପାଣି ମାଶାଇ ମିଶ୍ରଣ କରି ମୁହଁରେ ଲେପ ଦିଅନ୍ତୁ। ଲେପ ଶୁଖିଯିବା ପରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ଚେହେରାରେ ଔଜଲ୍ୟ ଆଣିଥାଏ। ଘରେ ଯଦି ମରା ନଡ଼ିଆ ତେଲ ଅଛି ତେବେ ଖୁବ୍ ଭଲ। ମରା ନଡ଼ିଆ ତେଲକୁ ମୁହଁରେ ଦୈନିକ ମାଲିସ୍ କରିବା ଦ୍ୱାରା ମୁହଁର ଚମକ ବଢ଼ିଥାଏ। ଦୈନିକ ଘିକୁଆଁରୀ ରସକୁ ମୁହଁରେ ଲଗାଇଲେ ତ୍ୱଚା ନରମ ହେବା ସହ ମୁହଁରେ ଥିବା ଧୂଳି କଣିକା ସବୁ ବାହାରି ଯାଇଥା'ନ୍ତି। ଏହା ଆମେ ସମସ୍ତେ ଜାଣନ୍ତି ଯେ ପାଣି ପିଇବା ସ୍ୱାସ୍ଥ୍ୟ ପ୍ରତି ବିଶେଷ କରି ତ୍ୱଚା ପାଇଁ ବହୁତ ଜରୁରୀ। ଯିଏ ଆବଶ୍ୟକ ମାତ୍ରାର ପାଣି ପିଅନ୍ତି ତାଙ୍କ ତ୍ୱଚା ଚିକ୍କଣ ହୋଇଥାଏ। ବ୍ରଣ ସମସ୍ୟା ମଧ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚା ଚିକ୍କଣ ଦେଖାଯିବ। ଦୂରରୁ ମଧ ଆପଣଙ୍କ ଚେହେରା ଚମକିବ। କଲରା, ଲାଉ ଏବଂ ଗାଜର ରସ ପିଇବା ମଧ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଚା, କଫି କିମ୍ବା ଫାଷ୍ଟଫୁଡ୍ରୁ ନିଜକୁ ଦୂରେଇ ରଖନ୍ତୁୟ ମନେ ରଖନ୍ତୁ ଫାଷ୍ଟଫୁଡ୍ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ଗରମ ପାଣିରେ ମୁହଁକୁ ବାମ୍ଫ ଦିଅନ୍ତୁୟ ଫଳରେ ଆପଣଙ୍କ ମୁହଁରେ ଥିବା ଧୂଳିକଣିକା ବାହାରିଯିବ ଏବଂ ଆପଣଙ୍କ ମୁହଁ ପୂର୍ବପେକ୍ଷା ଉଜ୍ଜ୍ୱଳ ଦିଶିବୟ ଅତିକମରେ ସପ୍ତାହକୁ ଥରୁଟିଏ ଏହି ବାମ୍ଫ ଦିଅନ୍ତୁ। ଖରାରେ ଯାଉଥିଲେ ସନସ୍କ୍ରିନ ଲୋସନ ନିଶ୍ଚୟ ଲଗାନ୍ତୁ। ନଚେତ ସୂର୍ଯ୍ୟକିରଣ ମୁହଁରେ ବାଜି ମୁହଁର ଉଜ୍ଜ୍ୱଳତା ହ୍ରାସ ପାଇବା ସହ ଯୁବାପଣ କ୍ଷୟ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁୟ ଦୁଇ ଚାମଚ ଘିକୁଆଁରି, ଅଳ୍ପ ହଳଦୀଗୁଣ୍ଡ, ଏକ ଚାମଚ ଲେଖାଏଁ ମହୁ ଏବଂ କ୍ଷୀରକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାନ୍ତୁ। ୨୦ ମିନିଟ୍ ରଖିବା ପରେ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚାର ପ୍ରାକୃତିକ ଉଜ୍ଜ୍ୱଳତା ଆସିଥାଏୟ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଦୁଇ ତିନି ବୁନ୍ଦା ଅଲିଭ୍ ଅଏଲ୍ ନେଇ ମୁହଁରେ ମାଲିସ କରନ୍ତୁ। ମୁହଁରେ ଗୋଲାକାରରେ ତଳୁ ଉପରକୁ ୨-୩ ମିନିଟ୍ ମସାଜ କରିବା ପରେ ଏକ ଟାୱେଲକୁ ଉଷୁମ ପାଣିରେ ବୁଡାଇ ଚିପୁଡି ମୁହଁରେ ୩୦-୪୦ ସେକେଣ୍ଡ ପର୍ଯ୍ୟନ୍ତ ବାମ୍ଫ ଦିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହା ତ୍ୱଚାର ଶୁଷ୍କତା ଦୂର କରିବା ସହ ଉଜ୍ଜ୍ୱଳ ମଧ କରିଥାଏ।

## ଆତ୍ମା ହିଁ ସ୍ୱର୍ଗର ନନ୍ଦନ ବନ

ଭଗବାନ ମହାବୀର ନିଜ ଉପଦେଶରେ ଆତ୍ମାର ଶୁଦ୍ଧି ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ସେ ତାଙ୍କ ଶିଷ୍ୟମାନଙ୍କୁ କହିଥିଲେ ଅହିଂସା, ସଂଯମ, ତପ, କ୍ଷମା ଓ ସ୍ୱାଧାୟ ଦ୍ୱାରା ଆତ୍ମା ଶୁଦ୍ଧ ହୋଇଥାଏ । ଆତ୍ମାକୁ ଚିହ୍ନିବା ପାଇଁ ତିନୋଟି ସାଧନ



ରହିଛି, ସମ୍ୟକ ଜ୍ଞାନ, ସମ୍ୟକ ଦର୍ଶନ ଓ ସମ୍ୟକ ଚରିତ୍ର । ଯିଏ ରାଗ-ଦ୍ୱେଷ, ମୋହ-ମଦ, ଆଦି ବିକାର ଉପରେ ବିଜୟ ଲାଭ କରିଥାଏ, ସେ ଆତ୍ମାରୁ ପରମାତ୍ମାରେ ପରିଣତ ହୋଇଥାଏ । ମହାବୀର କହିଛନ୍ତି, ସଦାଚାର ଓ ସଂଯମ ହିଁ ଆତ୍ମାକୁ ଶୁଦ୍ଧ କରିବାରେ ସମର୍ଥ ହୋଇଥାଏ । ସଦାଚାରୀ ଏବଂ ସଂଯମୀ ବ୍ୟକ୍ତିର ଆତ୍ମ ଶକ୍ତି ଏତେ ପ୍ରବଳ ଯେ ସେ କୌଣସି ପ୍ରକାର ସଂକଟରେ ଭୟଭୀତ ହୋଇନଥାଏ । ଏପରିକି କାଳ ମଧ ତା'କୁ ଭୟଭୀତ କରିପାରିନଥାଏ । ଭଲ ମାର୍ଗରେ ଚାଲୁଥିବା ଲୋକ ନିଜର ହିତୈଷୀ ହୋଇଥାଏ, ମନ୍ଦ ମାର୍ଗରେ ଧାଉଁଥିବା ବ୍ୟକ୍ତି ନିଜେ ହିଁ ନିଜର ଶତ୍ରୁ ହୋଇଥାଏ । ସମସ୍ତ ପ୍ରକାରର ଦୁର୍ଗୁଣ ଏବଂ ଦୁର୍ବ୍ୟସନର ପରିତ୍ୟାଗ କରୁଥିବା ବ୍ୟକ୍ତି ଇହଲୋକ ଓ ପରଲୋକରେ ସୁଖ ପ୍ରାପ୍ତି କରିଥାଏ । ମହାବୀର କହିଛନ୍ତି ଆତ୍ମା ହିଁ ନର୍କର ବୈତରଣୀ । ଆତ୍ମା ହିଁ ସ୍ୱର୍ଗର ନନ୍ଦନ ବନ । ଆତ୍ମା ହିଁ ଇଚ୍ଛାପୂର୍ତ୍ତି କରୁଥିବା ଧରିତ୍ରୀର କାମଧେନୁ । ସେଥିପାଇଁ ପ୍ରଥମେ ଆତ୍ମାକୁ ଚିହ୍ନିବା ଉଚିତ। ଆତ୍ମାକୁ ଶୁଦ୍ଧ ରଖିବା ନିମନ୍ତେ ସଦାଚାର-ସଂଯମକୁ ଜୀବନରେ ସଂକଳ୍ପ ଭାବେ ଗ୍ରହଣ କରିବା ଉଚିତ। ଭଗବାନ ମହାବୀର ନିଜ ଶିଷ୍ୟମାନଙ୍କୁ କହିଛନ୍ତି ଦୟା ସମାନ ଧର୍ମ ନାହିଁ, ଅନ୍ନଦାନ ସମାନ କରୁଣା ନାହିଁ, ସତ୍ୟ ସମାନ କୀର୍ତ୍ତି ନାହିଁ ଏବଂ ଶୀଳ ସମାନ ଶୃଙ୍ଗାର ନାହିଁ । କ୍ରୋଧ, ଲୋଭ, ମୋହ, ଭୟ ଓ ପାଞ୍ଚ ଇନ୍ଦ୍ରିୟକୁ ଜିତିନେଇଥିବା ଲୋକ ହିଁ ଆତ୍ମଜୟୀ ହୋଇଥାଏ ।

# ବିଶ୍ୱ ଦକ୍ଷତା କେନ୍ଦ୍ରର ସପ୍ତମ ବ୍ୟାଚ୍ ସମାବର୍ତନ ଉତ୍ସବ




ଭୁବନେଶ୍ୱର,୧୪।୭ (ମହାଭାରତ): ସଫଳତା ପାଇଁ ଦକ୍ଷତା ହେଉଛି ନୂତନ କରେନ୍ସି। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ସପ୍ତମ ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ମୋଟ ୫୦୬ ଜଣ ଛାତ୍ରଛାତ୍ରୀ ଶିଳ୍ପ-ଅନୁକୂଳ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଶେଷ କରିଛନ୍ତି, ଯାହା ଓଡ଼ିଶାକୁ ବିଶ୍ୱସ୍ତରୀୟ ଦକ୍ଷତା ବିକାଶର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଛି। ମନ୍ତ୍ରୀ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ଅବସରକୁ ଓଡ଼ିଶାର ଯୁବପିଢ଼ିଙ୍କ ଆଶା ଆକାଂକ୍ଷା, ଅକ୍ଳାନ୍ତ ପରିଶ୍ରମ ଏବଂ ଅସୀମ ସମ୍ଭାବନାର ଏକ ସମାରୋହ ଭାବେ ଦର୍ଶାଇଥିଲେ। ସେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଏହି ସମାବର୍ତନ ଉତ୍ସବ କେବଳ ପ୍ରମାଣପତ୍ର ହାସଲ କରିବା ପାଇଁ ନୁହେଁ, ବରଂ ରାଜ୍ୟ, ଦେଶ ଏବଂ ବିଶ୍ୱ ଅର୍ଥନୀତିରେ ଯୋଗଦାନ ଦେବା ପାଇଁ ଭବିଷ୍ୟତ-ଉପଯୋଗୀ କାର୍ଯ୍ୟବଳ ପ୍ରସ୍ତୁତ କରିବା ପାଇଁ। '୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା' ର ସ୍ୱପ୍ନକୁ ସାକାର କରିବା ଏବଂ '୨୦୪୭ ସୁଦ୍ଧା ବିକଶିତ ଭାରତ'ର ଜାତୀୟ ଲକ୍ଷ୍ୟ ହାସଲ କରିବାରେ ଦକ୍ଷତା ବିକାଶ ପ୍ରମୁଖ ସ୍ତମ୍ଭ ହୋଇ ରହିଛି। ଆଗାମୀ ଦିନର ନୂଆ ଟେକ୍ନୋଲୋଜି ଏବଂ ଭବିଷ୍ୟତର ଶିଳ୍ପ ଜଗତ ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର 'ନେକ୍ସଟ୍-ଜେନେରେସନ୍ ସ୍କିଲ୍ସ' ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି।

ମୋଟ ୫୦୬ ଜଣ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୬୧ ଜଣ ହେଉଛନ୍ତି ମହିଳା, ଯାହା ୫୧ ପ୍ରତିଶତରୁ ଅଧିକ। ଏହା ଶିଳ୍ପ-ଭିତିକ ଦକ୍ଷତା ଶିକ୍ଷାରେ ମହିଳାମାନଙ୍କର ବଢ଼ୁଥିବା ଆତ୍ମବିଶ୍ୱାସ ଏବଂ ଅଂଶଗ୍ରହଣକୁ ଦର୍ଶାଉଛି। ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୩ ପ୍ରତିଶତରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ପ୍ରତିଷ୍ଠିତ କମ୍ପାନୀଗୁଡ଼ିକରେ ନିଯୁକ୍ତି ପାଇସାରିଛନ୍ତି। ୮ ଜଣ ଦୁବାଇର ପ୍ରତିଷ୍ଠିତ 'ଅଲଘୁରେର' କମ୍ପାନୀରେ ନିଯୁକ୍ତି ପାଇଛନ୍ତି, ଯାହା 'ସ୍କିଲଡ-ଇନ୍-ଓଡ଼ିଶା' ବ୍ରାଣ୍ଡର ବିଶ୍ୱସ୍ତରୀୟ ସ୍ୱୀକୃତିକୁ ଆହୁରି ମଜବୁତ କରିଛି। ଏହି ଅବସରରେ, ମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍ପାସିଆଲ୍ ଏଆଇ ଲ୍ୟାବ୍'ର ଉଦ୍‌ଘାଟନ କରିଛନ୍ତି। ଆମେରିକାର 'ଇଓନ୍ ରିଅଲିଟି' ଏବଂ ସିଙ୍ଗାପୁରର 'ଆଇଟିଇଏସ୍'ର ସହଯୋଗରେ ପ୍ରତିଷ୍ଠିତ ଏହି ଲ୍ୟାବ୍ ଛାତ୍ରଛାତ୍ରୀମାନଙ୍କୁ ସ୍ପାସିଆଲ୍ ଏଆଇ ଏବଂ ଜିଓସ୍ପାସିଆଲ୍ ଟେକ୍ନୋଲୋଜିରେ ଉଚ୍ଚ ସାମର୍ଥ୍ୟ ସମ୍ପନ୍ନ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ; ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ଶିଳ୍ପ ସହଯୋଗୀ, ଫ୍ୟାକଲଟି ସଦସ୍ୟ ଏବଂ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ।

# ଖସି ପାରିବେନି ଗାଡ଼ି ମାଲିକ

ଭୁବନେଶ୍ୱର,୧୪।୭ (ମହାଭାରତ): ବେଆଇନ୍ କାର୍ଯ୍ୟରେ ନିଜ ଗାଡ଼ିକୁ ନିୟୋଜିତ କରୁଥିବା ବ୍ୟକ୍ତି ଆଇନର ହାତରୁ ଖସି ପାରିବେ ନାହିଁ। ଏଥିପାଇଁ ଗାଡ଼ି ପଞ୍ଜିକରଣ ଠାରୁ ଆରମ୍ଭ କରି ମାଲିକାନା ପରିବର୍ତ୍ତନ, ଡିଏଲ୍‌ରେ ଠିକଣା ପରିବର୍ତ୍ତନ ଭଳି କାର୍ଯ୍ୟ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ହେବ। ଗାଡ଼ି ମାଲିକଙ୍କ ଠିକଣା, ପରିଚୟ ଓ ଆରଟିଓ ସୀମା ଆଦିର ଯାଞ୍ଚ କଡ଼ାକଡ଼ି ହେବ। ଏ ନେଇ ପରିବହନ ଆୟୁକ୍ତ ସମସ୍ତ ଆରଟିଓ ଏବଂ ଏଆରଟିଓ ମାନଙ୍କୁ ପତ୍ର ଲେଖି ନିର୍ଦ୍ଦେଶର ଅନୁପାଳନ କରିବା ପାଇଁ କହିଛନ୍ତି। ଏଥିରେ କୁହାଯାଇଛି ଯେ ଗାଡ଼ି ପଞ୍ଜିକରଣ, ମାଲିକାନା ଓ ଡିଏଲ୍‌ରେ ଠିକଣା ପରିବର୍ତ୍ତନ, ହାଇପୋଥିକେସନ୍ ବାତିଲ, ପରମିଟ୍, ଡିଏଲ୍ ଆଦି ପାଇଁ ଆବେଦନ ଗୁଡ଼ିକ ଉପଯୁକ୍ତ ଯାଞ୍ଚ ବିନା ପ୍ରକ୍ରିୟା କରାଯାଉଥିବା ବିଭାଗର ଦୃଷ୍ଟିକୁ ଆସିଛି। ଏହା ଫଳରେ ଭବିଷ୍ୟତରେ କୌଣସି କାରଣବଶତଃ ଗାଡ଼ି ମାଲିକଙ୍କୁ ନୋଟିସ୍ ପଠାଇବା, ଟିକସ/ଜୋରିମାନା ଆଦାୟ କରିବା, ଦୁର୍ଘଟଣା ତଦନ୍ତ ଏବଂ ଅନ୍ୟ ଆଇନଗତ କାର୍ଯ୍ୟ ସମୟରେ ସମସ୍ୟା ଦେଖା ଦେଉଛି। ପରିଚୟ ପତ୍ରରେ ଗୋଟିଏ ଠିକଣା ରହିଥିବା ବେଳେ ଆରଟିଓରେ ଦାଖଲ ହୋଇଥିବା କାଗଜପତ୍ରରେ ଅନ୍ୟ ଠିକଣା ରହୁଛି। ଏହାକୁ ଦୃଷ୍ଟିରେ ରଖି ଆବେଦକଙ୍କ ପରିଚୟ ଓ ଠିକଣା କଡ଼ାକଡ଼ି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଉଛି। ନିଷ୍ପତ୍ତି ଅନୁସାରେ ଏଣିକି ଗାଡ଼ି କ୍ରେତାଙ୍କ ରହୁଥିବା ଠିକଣା ଅବା ତାଙ୍କ ବ୍ୟବସାୟ ସ୍ଥାନ ଯାଞ୍ଚ କରାଯିବ। ସବୁ ପ୍ରକାର କାମ ପାଇଁ ଆଧାର ଯାଞ୍ଚ ବାଧ୍ୟତାମୂଳକ ହେବ। ଯଦି ଆବେଦନପତ୍ର ଓ ପରିଚୟପତ୍ରରେ ନାମ, ପିତାଙ୍କ ନାମ, ଫୋନ୍ ନମ୍ବର, ଠିକଣା, ଜନ୍ମ ତାରିଖ, ଫଟୋରେ କିଛି ଅସମାନତା ଥାଏ ତା ହେଲେ ତାଙ୍କ ଆବେଦନ ଖାରଚ କରାଯିବ। ପରିବହନ ଗାଡ଼ି ପାଇଁ ଏହି ନିୟମ ଅଧିକ କଡ଼ାକଡ଼ି କରାଯାଇଛି। ମାଲିକାନା ପରିବର୍ତ୍ତନ ସମୟରେ କ୍ରେତାଙ୍କ କାଗଜପତ୍ର ଭଲ ଭାବେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହାଇପୋଥିକେସନ୍ ବାତିଲ ପାଇଁ ଋଣଦାତାଙ୍କ ଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଆଣିବା ଜରୁରୀ। ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନକାରୀଙ୍କ ଠିକଣା ଓ ପରିଚୟ ଆରଟିଓ ଯାଞ୍ଚ କରିବେ। ସେ ରହୁଥିବା ସ୍ଥାନର ଠିକଣା ପ୍ରମାଣପତ୍ର ଦାଖଲ କରିବା ଜରୁରୀ।

# ୧୬ ନର୍ସିଂ କଲେଜକୁ ନୋଟିସ

ଭୁବନେଶ୍ୱର,୧୪।୭ (ମହାଭାରତ): ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀଙ୍କ ସେମିଷ୍ଟର ପରୀକ୍ଷା ଦୀର୍ଘଦିନ ଧରି ଅନୁଷ୍ଠିତ ନହେବା ଘଟଣାକୁ ଗୁରୁତ୍ୱର ସହ ନେଇ ଓଡ଼ିଶା ନର୍ସେସ୍ ଆଣ୍ଡ ମିଡ୍‌ୱାଇଭ୍ସ ରେଜିଷ୍ଟ୍ରେସନ କାଉନସିଲ (ଓଏନଏମଆରସି) ବାଲେଶ୍ୱର ଜିଲ୍ଲାର ୧୬ଟି ନର୍ସିଂ କଲେଜକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। କାଉନସିଲ ପକ୍ଷରୁ ସମ୍ପୃକ୍ତ କଲେଜଗୁଡ଼ିକୁ ଦୁଇ ଦିନ ମଧ୍ୟରେ ସେମିଷ୍ଟର ପରୀକ୍ଷା ନିର୍ଦ୍ଧାରିତ ସମୟରେ କାହିଁକି ଆୟୋଜନ କରାଯାଇନଥିଲା, ସେନେଇ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପରୀକ୍ଷା ବିଳମ୍ବର କାରଣ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ମଧ କୁହାଯାଇଛି। ସନ୍ତୋଷଜନକ ଉତ୍ତର ନମିଳିଲେ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି କାଉନସିଲ ସତର୍କ କରିଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ପାଞ୍ଚଟି ବେସରକାରୀ ନର୍ସିଂ କଲେଜର ଶତାଧିକ ଛାତ୍ରଛାତ୍ରୀ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସର ବାହାରେ ଧାରଣା ଦେବା ପରେ ଏହି ପଦକ୍ଷେପ ନିଆଯାଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ସେମାନେ ଚାରି ବର୍ଷିଆ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ଛଅ ବର୍ଷରୁ ଅଧିକ ସମୟ ପୂର୍ବରୁ ନାମ ଲେଖାଇଥିଲେ ମଧ ଏପର୍ଯ୍ୟନ୍ତ ସପ୍ତମ ଓ ଅଷ୍ଟମ ସେମିଷ୍ଟର ପରୀକ୍ଷା ହୋଇନାହିଁ। ଛାତ୍ରଛାତ୍ରୀମାନଙ୍କ କହିବା ଅନୁଯାୟୀ, ଚାରି ବର୍ଷରେ ସମାପ୍ତ ହେବାକୁ ଥିବା ପାଠ୍ୟକ୍ରମ ଛଅ ବର୍ଷରୁ ଅଧିକ ସମୟ ଧରି ଝୁଲି ରହିଥିବାରୁ ସେମାନଙ୍କ ଉଚ୍ଚଶିକ୍ଷା, ପଞ୍ଜୀକରଣ ପ୍ରକ୍ରିୟା ଏବଂ ଚାକିରି ସୁଯୋଗ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଧାରଣା ସମୟରେ ଛାତ୍ରଛାତ୍ରୀଙ୍କ ଏକ ପ୍ରତିନିଧି ଦଳ ବାଲେଶ୍ୱର ଗସ୍ତରେ ଥିବା ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ।

# ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ




ଭୁବନେଶ୍ୱର,୧୪।୭ (ମହାଭାରତ): କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷି ଓ କୃଷକର ଉନ୍ନତି ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏସବୁ ଯୋଜନା କିପରି ରାଜ୍ୟର ଚାଷୀମାନଙ୍କ ପାଖରେ ପହଂଚିବ ସେନେଇ କାର୍ଯ୍ୟକର୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ ବୋଲି ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ଶୁଭ୍ରାଂଶୁ ମୋହନ ପାଢ଼ୀ କହିଛନ୍ତି।

ବୈଠକ ସଂପର୍କରେ ସୁଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କୃଷକମାନଙ୍କ ଉନ୍ନତି ଉପରେ ଧ୍ୟାନ ଦିଆଯାଉ ନଥିଲା। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଂଚି ପାରୁନଥିଲା। ମୋଦିଜୀ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ କାର୍ଯ୍ୟ କରୁଛନ୍ତି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷକଙ୍କ ସାମୁହିକ ବିକାଶ ପାଇଁ ବଦ୍ଧପରିକର। ରାଜ୍ୟର ସମସ୍ତ କୃଷକ ଯେପରି କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ବୈଠକରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର କାର୍ଯ୍ୟକର୍ତାମାନଙ୍କ ମାର୍ଗଦର୍ଶନ କରିଥିଲେ। ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ ଯୋଗଦେଇ ପରିବର୍ତୀତ ପରିବେଶ ଯୋଗୁ ଚାଷ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ। ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି, କୃଷକସଶକ୍ତିକରଣ ଉପରେ ବିଭିନ୍ନ ଯୋଜନା ଓ ତାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଶ୍ରୀ ଶିବାଜୀ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ରାଜ୍ୟ ଉପସଭାପତି ଆଲୋକ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆର୍ତବନ୍ଧୁ ପୃଷ୍ଟି, ଶ୍ରୀକାନ୍ତ ମିଶ୍ର, ରାଜ୍ୟ ସଂପାଦିକା ସୁଚରିତା ଜେନାମଣି, କୋଷାଧ୍ୟକ୍ଷ ଶ୍ରୀ ବିଶ୍ୱଜିତ ସ୍ୱାଇଁ, ମିଡିଆ ସଂଯୋଜିକା ପୂର୍ଣ୍ଣବାସୀ ମହାପାତ୍ରଙ୍କ ସମେତ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତି ଏବଂ ସାଧାରଣ ସମ୍ପାଦକମାନେ ଉପସ୍ଥିତ ଥିଲେ।

# ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାର ବିକାଶ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୪।୭ (ମହାଭାରତ): ଦେଶର ଶିଳ୍ପ ଓ ଅର୍ଥନୈତିକ ବିକାଶକୁ ଗତିଶୀଳ କରିବା ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାର ବିକାଶ ଅପରିହାର୍ଯ୍ୟ ବୋଲି ଶନିବାର ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଥିବା ଭାରତୀୟ ଜାତୀୟ ଯାନ୍ତ୍ରିକ ଏକାଡେମୀ (ଆଇଏନଏଇ) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଦ୍ୱିତୀୟ ଟେକ୍ନୋଲୋଜି କନ୍‌କ୍ଲେଭରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ପଣ୍ଡା କହିଥିଲେ ଯେ, ଭାରତରେ ଇସ୍ପାତ ଉତ୍ପାଦନ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକଶିତ ହୋଇନାହିଁ ଏବଂ ଦେଶର ସମସ୍ତ ଇସ୍ପାତ କାରଖାନା ବିଦେଶରୁ ଅଣାଯାଇଥିବା ପ୍ରଯୁକ୍ତି ଉପରେ ନିର୍ଭର କରୁଛି।

ସେ କହିଥିଲେ, "ଇସ୍ପାତ ଉତ୍ପାଦନରେ ପ୍ରଦୂଷଣ ହ୍ରାସ କରିବା ସହ



ସ୍ୱଦେଶୀ ପ୍ରଯୁକ୍ତିର ବିକାଶ ପାଇଁ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି।" ଇସ୍ପାତ ଉତ୍ପାଦନ ଏକ ଅତ୍ୟନ୍ତ ପ୍ରଦୂଷଣକାରୀ ପ୍ରକ୍ରିୟା ହୋଇଥିବାରୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଶିକ୍ଷାବିତ୍, ବୈଷୟିକ ବିଶେଷଜ୍ଞ ଓ ଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରହିବା ଆବଶ୍ୟକ ବୋଲି ଡକ୍ଟର ପଣ୍ଡା କହିଥିଲେ। ବ୍ଲାଷ୍ଟ ଫର୍ଣ୍ଣେସ୍‌ରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ବଡ଼ ଆହ୍ୱାନ ହୋଇଥିବା ବେଳେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ହିଁ ଏହାର ସମାଧାନର ରାସ୍ତା ବାହାର କରିପାରିବ ବୋଲି ସେ କହିଥିଲେ। ବର୍ତମାନ ବାର୍ଷିକ ୧୬୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନକୁ ଆଗାମୀ ଚାରିରୁ ପାଂଚ ବର୍ଷ ମଧ୍ୟରେ ପ୍ରାୟ ୩୦୦ ନିୟୁତ ଟନ୍‌କୁ ବୃଦ୍ଧି କରିବା ଭାରତର ଲକ୍ଷ୍ୟ ଥିବା ବେଳେ ଇସ୍ପାତ ଉତ୍ପାଦନରେ କୋକ୍ ପରିବର୍ତେ ହାଇଡ୍ରୋଜେନ୍ ବ୍ୟବହାର ଏକ ପରିବେଶ ଅନୁକୂଳ ବିକଳ୍ପ ହୋଇପାରିବ ବୋଲି ସେ କହିଥିଲେ। ସେଲର ପାଂଚଟି ପ୍ରମୁଖ ଇସ୍ପାତ କାରଖାନାରେ କ୍ଷମତା ବୃଦ୍ଧି ସହ ଡିଜିଟାଲାଇଜେସନ୍ ଓ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟବହାର ମାଧ୍ୟମରେ ଶ୍ରମିକଙ୍କ ସୁରକ୍ଷାକୁ ସୁଦୃଢ଼ କରାଯାଉଥିବା ଡକ୍ଟର ପଣ୍ଡା କହିଥିଲେ। ପ୍ରଯୁକ୍ତିଭିତିକ ଷ୍ଟାର୍ଟଅପଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ଉନ୍ନତ ପ୍ରଯୁକ୍ତି ବିକାଶରେ ସହଯୋଗ କରିପାରିବେ ବୋଲି ସେ କହିଥିଲେ।

ଆଇଏନଏଇର ସଭାପତି ଶ୍ରୀ ଜେ.ଡି. ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ଆଇଏନଏଇ ସଭାପତି ଓ ବିଟ୍‌ସ ମେସ୍ରାର କୁଳପତି ପ୍ରଫେସର ଇନ୍ଦ୍ରନୀଲ ମାନ୍ନା, ଡାନିଏଲି ଇଣ୍ଡିଆର ସିନିୟର ଭାଇସ୍ ପ୍ରେସିଡେଂଟ ଶ୍ରୀ ମନୋରଞ୍ଜନ ରାମ ଏବଂ ଆଇଏନଏଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ତଥା ସୋଆର ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇଆଇଟି ଭୁବନେଶ୍ୱରର ଗବେଷଣା ଡିନ୍ ତଥା ଆଇଏନଏଇ ଭୁବନେଶ୍ୱର ଚାପ୍ଟରର ସମ୍ପାଦକ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବୀ ରାମଚନ୍ଦ୍ର ମହାନ୍ତଙ୍କ ଶ୍ରଦ୍ଧାଞ୍ଜଳିସଭା

ଭୁବନେଶ୍ୱର,୧୪।୭ (ମହାଭାରତ): ଶିବାଜୀ ସାଂସ୍କୃତିକ ସଂଘ ତରଫରୁ ବିଶିଷ୍ଟ ଲେଖକ, ଐତିହାସିକ ଓ ସମାଜସେବୀ ରାମଚନ୍ଦ୍ର ମହାନ୍ତଙ୍କର ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ସି.ୱାଇ.ଏସ୍.ଡି. ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ପାଇଁ ସାରା ଜୀବନ ଚେଷ୍ଟା ଜାରି ରଖିଥିବା ରାମଚନ୍ଦ୍ର ମହାନ୍ତଙ୍କର ଉପରେ ଆଲୋଚନା କରିଥିଲେ। ଏହି ସଭାରେ ସଂଯୋଜକ ଭାବେ ଅନ୍ତର୍ରାଷ୍ଟ୍ରୀୟ ଇଂରାଜୀ ପତ୍ରିକା 'ଇଟରନିଟି'ର ସମ୍ପାଦକ ହରେକୃଷ୍ଣ ମହାନ୍ତ ପ୍ରାରମ୍ଭିକ ଅଭିଭାଷଣ ଦେଇ ରାମଚନ୍ଦ୍ର ବାବୁ ପ୍ରତିଷ୍ଠା



ଶିବାଜୀ ସାଂସ୍କୃତିକ ସଂଘର ସଭାପତି ଜନାର୍ଦ୍ଦନ ମହାନ୍ତ ଅଧ୍ୟକ୍ଷତା କରିଥିଲା ବେଳେ ସଂଘର ପ୍ରାକ୍ତନ ସଭାପତି ପ୍ରଭାସ ଚନ୍ଦ୍ର ମହାନ୍ତ ମୁଖ୍ୟ ଅତିଥି ଭାବେ ଏବଂ ବିଶିଷ୍ଟ ସମାଜସେବୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାମଚନ୍ଦ୍ର ମହାନ୍ତଙ୍କର ଜୀବନଶୈଳୀ କାର୍ଯ୍ୟଧାରା ଓ ସମାଜରେ ଗରିବ ଏବଂ ଅସହାୟ ଲୋକଙ୍କର ଉନ୍ନତି କରିଥିବା ଶିବାଜୀ ସାଂସ୍କୃତିକ ସଂଘ ଓ ତାଙ୍କର ସମାଜସେବୀ, ସାହିତ୍ୟ ସାଧନ ଉପରେ ଗଭୀର ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ନାୟକ ତାଙ୍କ ଅଭିଭାଷଣରେ ରାମଚନ୍ଦ୍ର ବାବୁ ନିଜର ନିଷ୍ଠାପର ଉଦ୍ୟମ ଯୋଗୁଁ ଅଖିଳ ଭାରତୀୟ କୁର୍ମୀକ୍ଷେତ୍ରୀୟ ମହାସଭା ସହିତ ଓଡ଼ିଶାକୁ ଯୋଡ଼ି ଭୁବନେଶ୍ୱରରେ ଏହି ମହାସଭାର ବିଭିନ୍ନ ଉନ୍ନତିମୂଳକ ଓ ସଂସ୍କାରଧର୍ମୀ କାର୍ଯ୍ୟକ୍ରମକୁ ଜାଗରଣ ଓ ଦ୍ୱନ୍ଦ୍ୱିଭି ପତ୍ରିକା ମାଧ୍ୟମରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ତାରାଚାନ୍ଦ ମହାନ୍ତ, ଦୁସ୍ମନ୍ତ ମହାନ୍ତ, ଇଂଜିନିୟର ସୁରେଶ ଚନ୍ଦ୍ର ମହାନ୍ତ, ଇନ୍‌ଫୋସିସ୍‌ର ଗ୍ରୁପ୍ ମ୍ୟାନେଜର ସତ୍ୟବ୍ରତ ମହାନ୍ତ, ସି.ଇ.ଓ. ଯୋଗେଶ୍ୱର ପ୍ରଭାକର, ଓ.ଏମ୍.ସି.ର ସିନିୟର ମ୍ୟାନେଜର ଶିବାନୀ ମହାନ୍ତ, ସମାଜସେବୀ ରଶ୍ମିରେଖା ମହାନ୍ତ, ସୁଧୀର ମଉଡ଼ମଣି, ବିଷ୍ଣୁପ୍ରିୟା, ସୁନିତା, କଳ୍ପଲତା ଆଦି ବିଶିଷ୍ଟ ଅତିଥିମାନଙ୍କ ଗହଣରେ ରାମଚନ୍ଦ୍ର ମହାନ୍ତଙ୍କର ଉପରେ ଲିଖିତ ଏକ ସ୍ମରଣିକା ଲୋକାର୍ପଣ କରାଯାଇଥିଲା।

# ପୌରସଂସ୍ଥା ଓ ଉନ୍ନୟନ କର୍ତୃପକ୍ଷଙ୍କ କ୍ଷମତା ବିକାଶ କର୍ମଶାଳା

ଭୁବନେଶ୍ୱର,୧୪।୭ (ମହାଭାରତ): ଓଡ଼ିଶାର ସହରାଂଚଳ ଭିତିଭୂମି ବିକାଶକୁ ଅଧିକ ଗତିଶୀଳ କରିବା ଏବଂ ସହରାଂଚଳ ସ୍ଥାନୀୟ ନିକାୟ ଓ ଉନ୍ନୟନ କର୍ତୃପକ୍ଷମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଓ ହାଉସିଂ ଆଣ୍ଡ ଅର୍ବାନ ଡେଭେଲପମେଂଟ କର୍ପୋରେସନ୍ (ଏଚୟୁଡିସିଓ)ର ମିଳିତ ସହଯୋଗରେ ଆଜି ଏକ ଏକଦିବସୀୟ କ୍ଷମତା ବିକାଶ କର୍ମଶାଳା ଆୟୋଜିତ ହୋଇଛି।

କର୍ମଶାଳାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାର ସମସ୍ତ ସହରାଂଚଳ ସ୍ଥାନୀୟ ନିକାୟକୁ ସ୍ୱାବଲମ୍ବୀ ଓ ସ୍ଥାୟୀ କରିବା ପାଇଁ 'ରାଜସ୍ୱ ମଡେଲ' ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହା ମାଧ୍ୟମରେ ୟୁଏଲବି ମାନେ କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନରହି ନିଜସ୍ୱ ରାଜସ୍ୱ ସୃଷ୍ଟି କରି ନିଜ ଅଂଚଳର ଭିତିଭୂମି ବିକାଶକୁ ସୁଦୃଢ଼ କରିପାରିବେ। ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ନୂତନ ଉଚ୍ଚତାରେ ପହଂଚାଇବା ଏବଂ ୨୦୪୭ର 'ବିକଶିତ ଭାରତ' ଲକ୍ଷ୍ୟ ପୂରଣରେ ଓଡ଼ିଶାକୁ ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ପୌରସଂସ୍ଥାର ଅଧିକାରୀମାନଙ୍କୁ ସେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। କର୍ମଶାଳାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ କହିଥିଲେ ଯେ, ରାଜ୍ୟର ସହରାଂଚଳର ରୂପାନ୍ତରଣ ଦିଗରେ ଏହି କ୍ଷମତା ବିକାଶ କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ସହରାଞ୍ଚଳ ସ୍ଥାନୀୟ ନିକାୟ ଓ ବିଜ୍ଞାପିତ ଅଂଚଳ ପରିଷଦ ଗୁଡ଼ିକୁ ବୃହତ୍ ଭିତିଭୂମି ପ୍ରକଳ୍ପ ପାଇଁ ଆବଶ୍ୟକ ଆର୍ଥିକ ସମ୍ବଳ ହାସଲ କରିବାରେ ସକ୍ଷମ କରିବା। ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୧୫ ଏପ୍ରିଲ ୨୦୨୬ରେ ଆରମ୍ଭ ହୋଇଥିବା ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ରାଜ୍ୟର ସହରାଂଚଳ ଭିତିଭୂମି ବିକାଶ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ଏହି ଯୋଜନାରେ ଅନୁମୋଦିତ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ମିଳିବା ସହିତ ଅନ୍ୟୂନ ୫୦ ପ୍ରତିଶତ ଅର୍ଥ ଋଣ, ମ୍ୟୁନିସିପାଲ ବଣ୍ଡ କିମ୍ବା ପବ୍ଲିକ-ପ୍ରାଇଭେଟ୍ ପାର୍ଟନରସିପ୍ (ଚଚଚ) ମାଧ୍ୟମରେ ସଂଗ୍ରହ କରାଯିବ।

# ସାରା ଦେଶରେ ଆରଏସଏସ୍‌ର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୪।୭ (ମହାଭାରତ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାର୍ଷିକ ଅଖିଳ ଭାରତୀୟ ପ୍ରାନ୍ତ ପ୍ରଚାରକ ବୈଠକ ଆଜି କର୍ଣ୍ଣାଟକର ବେଲାଗାଭିରେ ସମାପ୍ତ ହୋଇଛି। ସରସଂଘଚାଳକ ଡକ୍ଟର ମୋହନ ଭାଗବତ ଏବଂ ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେଙ୍କ ସମେତ ୨୨୬ ଜଣ କାର୍ଯ୍ୟକର୍ତା ଏହି ବୈଠକରେ ଉପସ୍ଥିତ ଥିଲେ। ସଂଘର ବିଭିନ୍ନ ସ୍ତରରେ ଆୟୋଜିତ ପ୍ରଶିକ୍ଷଣ ବର୍ଗର ସମୀକ୍ଷା କରାଯାଇଥିଲା। ଏହି ବର୍ଷ ସାରା ଦେଶରେ ମୋଟ ୮୩ ଟି ସଂଘ ଶିକ୍ଷା ବର୍ଗ ଏବଂ ୧୨ଟି କାର୍ଯ୍ୟକର୍ତା ବିକାଶ ବର୍ଗ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୮,୮୪୨ ଜଣ ସ୍ୱୟଂସେବକ ଶାଖା ସଂଚଳନ, ସଂଘ କାର୍ଯ୍ୟ ପଦ୍ଧତି, ଗ୍ରାମ ବିକାଶ, କୁଟୁମ୍ବ ପ୍ରବୋଧନ, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ଭଳି ବିଷୟ ଉପରେ ପ୍ରଶିକ୍ଷଣ ପ୍ରାପ୍ତ କରିଛନ୍ତି।

ଶାଖା ସ୍ତରରେ କାର୍ଯ୍ୟ



ଯୋଜନାର କ୍ରିୟାନ୍ୱୟନ ବିଷୟରେ ବିସ୍ତୃତ ଚର୍ଚ୍ଚା ଆଲୋଚନା କରାଯାଇଥିଲା ଏବଂ ସେପ୍ଟେମ୍ବର ମାସରେ ସର୍ବାଧିକ ଶାଖା ବିସ୍ତାର ଯୋଜନା ଉପରେ ମଧ ଆଲୋଚନା କରାଯାଇଥିଲା। ଶତାବ୍ଦୀ ବର୍ଷରେ ସମ୍ପନ୍ନ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକର ମଧ ସମୀକ୍ଷା କରାଯାଇଥିଲା ଏବଂ ଅବଶିଷ୍ଟ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକର ଯୋଜନା ବିଷୟରେ ମଧ ବିଚାର କରାଯାଇଥିଲା। ଶତାବ୍ଦୀ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମୟରେ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ସାମାଜିକ କାର୍ଯ୍ୟ ଏବଂ ପଞ୍ଚ ପରିବର୍ତ୍ତନ ବିଷୟଗୁଡ଼ିକରେ ସକ୍ରିୟ କରିବା ପାଇଁ ଯୋଜନା ଉପରେ ବିଚାର କରାଯାଇଥିଲା। ସରସଂଘଚାଳକଙ୍କ ୨୦୨୬-୨୭ ବର୍ଷ ପାଇଁ ପ୍ରବାସ ଯୋଜନା ଉପରେ ମଧ ଚର୍ଚ୍ଚା କରାଯାଇଥିଲା। ବୈଠକରେ ବର୍ତ୍ତମାନର ଦୃଶ୍ୟପଟର ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା, ମୁଖ୍ୟତଃ ଜନଗଣନା ତଥ୍ୟ ଏବଂ ଜନସଂଖ୍ୟାଗତ ଅସନ୍ତୁଳନ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନ। ଡ୍ରଗ୍ସ ଦ୍ୱାରା ବୃଦ୍ଧି ପାଉଥିବା କୁପ୍ରଭାବ ଉପରେ ଚିନ୍ତା ପ୍ରକଟ କରିବା ସହିତ ନିଶା ନିବାରଣ ପାଇଁ ପ୍ରାଥମିକତାମୂଳକ ପ୍ରୟାସର ଆବଶ୍ୟକତା ଏବଂ ସନ୍ଥ ଶିରୋମଣି ରବିଦାସ ମହାରାଜଙ୍କ ୬୫୦ ତମ ଜନ୍ମଜୟନ୍ତୀ ବର୍ଷ ପାଇଁ କାର୍ଯ୍ୟକ୍ରମ ଯୋଜନା ବିଷୟରେ ମଧ ଆଲୋଚନା ହୋଇଥିଲା। ବୈଠକରେ ସମସ୍ତେ ଶ୍ରୀ ରାମ ଜନ୍ମଭୂମି ମନ୍ଦିରରେ ଦାନ ବାକ୍ସ ଗଣନାରେ ଅନିୟମିତତା ଉପରେ ଦୁଃଖ ପ୍ରକାଶ କରିଥିଲେ ଏବଂ ବିଶ୍ୱାସ ପ୍ରକଟ କରିଥିଲେ ଯେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ରଙ୍କ ଅନୁରୋଧରେ ଆରମ୍ଭ ହୋଇଥିବା ଏସଆଇଟି ଏବଂ ପୋଲିସ ତଦନ୍ତ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିବ।

# ଶକ୍ତିଶାଳୀ ହେଉଛି ନୌସେନା

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଯୁଦ୍ଧ ଜାହାଜ ଆଇଏନଏସ ମହେନ୍ଦ୍ରଗିରିର ଜଳାବତରଣ କରିଛନ୍ତି। ସପ୍ତାହକ ତଳେ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏସି ବୈଠକରେ ୫୨ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏସବୁ ସାମଗ୍ରୀ ସ୍ୱଦେଶୀ ସଂସ୍ଥାରୁ କିଣାଯିବ। ଫଳରେ ଭାରତର ପ୍ରତିରକ୍ଷା ଶିଳ୍ପ ବେଶ ଲାଭବାନ ଏବଂ ସୁଦୃଢ଼ ହେବ। କହିବା ବାହୁଲ୍ୟ ଯେ, ପ୍ରତିରକ୍ଷା କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ କରିଆସୁଛନ୍ତି। ଏଥିପାଇଁ କ୍ଷେପଣାସ୍ତ୍ର, ହାଲୁକା ଯୁଦ୍ଧ ବିମାନଠାରୁ ଆରମ୍ଭ କରି ଶକ୍ତିଶାଳି ରାଇଫଲ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ପର୍ଯ୍ୟନ୍ତ ସବୁ କିଛି ଭାରତ ଏବେ ନିର୍ମାଣ କରିବା ଆରମ୍ଭ କରିଛି। ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ଋଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ। ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ। କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ବ୍ୟକ୍ତି ନିଯୁକ୍ତି ପାଇବେ, କୃଷକମାନେ ଉପକୃତ ହେବେ ଏବଂ ଭାରତ ବିଦେଶରୁ ଖାଇବା ତେଲ ଆମଦାନୀ କରିବା ପରିବର୍ତ୍ତେ ବିଦେଶକୁ ରପ୍ତାନୀ କରି ବୈଦେଶିକ ମୁଦ୍ରା ଅର୍ଜନ କରିବ।

# ମାଟି, କୃଷି ଓ ଚାଷୀ

॥ ଡି ଶୁଭମ୍ ॥

*କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢ଼ି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢ଼ିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ତୂଳିମୁଣ୍ଡକୁ ଗଲାଣି।*

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରିର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏକୁଡିଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି ? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢ଼ି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢ଼ିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ତୂଳିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି। ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର ।। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ...

**(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର)**

# କୁଟୀର ଚାଳଘରୁ କୋଠାଘର

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଚାଳଘର ବିଭିନ୍ନ ପ୍ରକାରର ଥିଲା। ଚାଳିଆ ଯାହା ଚାଳିଆ ମଉଜମରା ଚାଳିଆ, ଯଜ୍ଞ ଚାଳିଆ ଏ ଶ୍ରେଣୀ ଆ ଛୋଟ ପଞ୍ଜରା ଚାଳଘର, ତ୍ରିଶ୍ରେଣୀୟ ଓ ୧ ଶ୍ରେଣୀୟ ବଡ଼ ପଞ୍ଜରା ଚାଳଘର, ପୁଣି ଝାଟିମାଟି ଚାଳଘର ଏମିତି ସବୁ ନଡ଼ାଛପର ଘର ଧାନ ଚାଷ ଅଞ୍ଚଳରେ ହେଉଥିଲା ଧାନ କଟା ଦୁଇ ପ୍ରକାରର ହୁଏ ମୂଳକାଟ ଓ ଦ୍ୱିକଟ ଛୋଟ ଧାନ ଗୁଡ଼ିକ ମୂଳକାଟ ଓ ବଡ଼ ବଡ଼ ଡେଙ୍ଗା ଧାନ ଗଛ ଦ୍ୱିକାଟ ହୁଏ। ମୂଳକାଟ ବିଡ଼ା ବାନ୍ଧି ଘରକୁ ଆଣିବା ପରେ ତାକୁ ବାଡ଼େଇ ଧାନ ଅମଳ କରାଯାଏ ବା ବେଙ୍ଗଳା ପକାଇ ଧାନ ଅମଳ ପରେ କୁଟା ଗୁଡ଼ିକୁ ଅଲଗା କରାଯାଏ କୁଟା। ଘର ଛପରରେ ପ୍ରାୟ ଲାଗେ ନାହିଁ। ଦ୍ୱିକାଟ ଛଣ ଓ ଧାନ କେଣ୍ଡା ସଂଲଗ୍ନ ହଳା ଅଲଗା କରାଯାଏ ହଳା ବେଙ୍ଗଳା ପକାଇ କୁଟା ଓ ଧାନରେ ପରିଣତ ହୁଏ ମାତ୍ର ଛଣ ସବୁ ଚାଳଘର ଛାଉଣୀ ପାଇଁ ଲାଗେ। ଉଦବୃତ୍ତ ଛଣ ଓ କୁଟା ଗୋଖାଦ୍ୟକୁ ଲାଗିଥାଏ।

ଶ୍ରୀରାମ ତାଙ୍କ ଭାଇ ଓ ସ୍ତ୍ରୀଙ୍କ ସହିତ ପଞ୍ଚବଟୀରେ ବାସ ବେଳେ ପର୍ଣ୍ଣକୁଟୀରରେ ବାସ କରୁଥିଲେ। ପର୍ଣ୍ଣମାନେ ହିଁ ପତର ଗଛ ପତ୍ରରେ ଗୃହ ଛପର କରି ତହିଁରେ ବାସ କରୁଥିଲେ। ଅନେକ ତାଳଗଛ ବରଡ଼ା, ନଡ଼ିଆ ପତ୍ର, ହନ୍ତାଳ ଗଛ ପତ୍ରରେ ଗୃହଛାଦନବା ଛାଉଣୀ ଏବେ ବି କରୁଛନ୍ତି। ଏସବୁ ପର୍ଣ୍ଣ କୁଟୀରରେ ଆସେ ଚୌଡ଼ା ଲମ୍ବା ପତ୍ର ଗୁଡ଼ିଏ ସଂଗ୍ରହ କରି ତାକୁ ଖଞ୍ଜି ଲମ୍ବା-ଚୌଡ଼ା ଟାଟ କରି ତହିଁରେ ବି ଘର ଛାତ କରାଯାଏ। ପତ୍ର ଗୁଡ଼ିକ ମଧ୍ୟରେ ଶାଳ, ପିଆଶାଳ, ଶାଗୁଆନପତ୍ର, ବର, ଓସ୍ତପତ୍ର ହେଲେ ଭଲ। ପ୍ରକୃତରେ ଧାନପତ୍ର, ଗହମ ପତ୍ର, ଆଖୁପତ୍ର, ତାଳପତ୍ର, ଖଜୁରି ପତ୍ର, ଇଙ୍କର, ହୁଗୁଳା, ହେନ୍ତାଳ ଆଦି ପତ୍ରରେ ପର୍ଣ୍ଣ କୁଟୀର ତିଆରି ହୁଏ। ପତ୍ର ଗୁଡ଼ିକୁ ମୋଟେଇ ଭାବର ବିଛାଇ ବାଉଁଶ ବତା ବା ବୃକ୍ଷର ଶୁଷ୍କ ଡାଳରେ ଚପା ତଳ ଉପର କୋରଟପଟ, କଣ ଦୌଡ଼ିରେ ଭିଡ଼ି କରି ଛାତର ଧନରେ ଆଣ୍ଟିରଖିଲେ ତାହା ଖରାବର୍ଷାରୁ ଘର ଓ ଘର ଭିତରେ ଲୋକଙ୍କୁ ନିରାପଦରେ ପ୍ରାୟ ବର୍ଷେ ଦୁଇ ବର୍ଷ ରଖାଏ ପୁଣି ୧ମ ବା ୨ୟ ବର୍ଷରେ ଆଉ ଥରେ ଘର ଛାଆଣି ଆବଶ୍ୟକ ପଡ଼େ।

ଶ୍ରୀରାମ ଲକ୍ଷ୍ମଣ ଋଷି ଆଶ୍ରମରେ ପାଠପଢୁଥିଲେ। ରାଜକୁମାର ହେଲେ ବି ଆଶ୍ରମରେ ଶ୍ରମ କରି ସମସ୍ତେ ରହିବାକୁ ବାଧ୍ୟ। ଆଶ୍ରମଘର କେମିତି ନିର୍ମାଣ ହୁଏ ମରାମତି ରକ୍ଷଣାବେକ୍ଷଣା ହୁଏ ତାହା ତାଙ୍କୁ ଜ୍ଞାତ ଥିଲା। ଏ ପାଇଁ ପଞ୍ଚବଟୀ ଶ୍ରୀରାମଙ୍କ ପର୍ଣ୍ଣକୁଟୀର ଲକ୍ଷ୍ମଣଙ୍କ ଦ୍ୱାରା ସଂଗ୍ରହ ପର୍ଣ୍ଣ ଓ ଅନ୍ୟ ଉପକରଣ ଦ୍ୱାରା ଗୃହ ନିର୍ମିତ ହୋଇଥିଲା। ମନୁଷ୍ୟ ବୁଦ୍ଧି ଲଗାଇ ସମୟ ଦୃଷ୍ଟେ ସଂସ୍କାରିତ ପଥମାନ ବାହାର କରି ତୃଣ ନଡ଼ାକୁ କାମରେ ଲଗାଇ ସୁନ୍ଦର ଘର ତିଆରି ଶିକ୍ଷା କଲା ଏପାଇଁ କିଛି ସହଯୋଗୀ ଆବଶ୍ୟକ କଲା ସେତେବେଳେ ଶ୍ରମ ବିନିମୟ ସମୟ ଥିଲା ପରସ୍ପର ଶ୍ରମରେ ସହାୟ ଏକ ଜୀବନ ଶୈଳୀ ଥିଲା। ଏହି ସହଯୋଗୀ ଧାରାରେ ଏବେ କେବଳ ବନ୍ଧୁ ସଙ୍ଖୁଳା ପଡ଼ୋଶୀ ସଙ୍ଖୁଳା, ବିବାହ ବ୍ରତ, ମୃତକ ଆଦି କାର୍ଯ୍ୟରେ ଅଛି। ଶ୍ରମ ସହାୟ ଧାରା ପରେ ପରେ ଦ୍ରବ୍ୟ, ଅର୍ଥ ପରିବର୍ତ୍ତନରେ ଆସିଗଲା। ଦ୍ରବ୍ୟ ପରିବର୍ତ୍ତନ ଶ୍ରମର ମୂଲ୍ୟ ସେବାର ମୂଲ୍ୟରେ ତତ୍ତୁଲ୍ୟ କରାଗଲା। ଦ୍ରବ୍ୟର ମୂଲ୍ୟ ବି ଅର୍ଥରେ ଭରାଗଲା। ଏହି ଗୃହଛାଦନ କାର୍ଯ୍ୟ ପାଇଁ ମୂଲିଆଙ୍କ ଦ୍ୱାରା କରାଗଲା। ଗୃହଛାଦନ ଏକ କଳା ଓ ଅତିକଷ୍ଟକର କାର୍ଯ୍ୟ। ଖରାଦିନେ ଫେବୃଆରୀ ମାର୍ଚ୍ଚରେ ଏହି ଦିବାକାଳରେ କରାଯାଏ। ଯାହା ମୂଲିଆ ଶ୍ରମିକ କଠିନ ଖରା ଖାଇ ଏହାକୁ ଆରମ୍ଭ କରି ଶେଷ କରନ୍ତି। ଏକ ଗ୍ରାମରେ ଅନେକ ଘର ମାତ୍ର ଘର ଛାଆଣି ମୂଲିଆ ବହୁତ କମ। ଏପରି ଗୃହର କାନ୍ଥ ଦେବା କାନ୍ଥିଆ ଏତେକମ କୁହାଯାଏ। ଏସବୁ ଗୁରୁଦ୍ୱାରା ତାଲିମ ନହେଲେ ହୋଇ ହୁଏନାହିଁ। ଘର ଛାଆଣି ମୂଲିଆଙ୍କୁ ଆଗରୁ ନକହିଲେ ସେମାନେ ଛାଦନକୁ ଆସିବା ସମ୍ଭବ ପୁଣି ନୁହେଁ। ସେମାନେ ତାଙ୍କର ଜଳଖିଆ ଭୋଜନ ଗୃହ ଛାଉଣୀ ଗୃହସ୍ଥର ଗୃହରେ ଅନେକ ସମୟରେ କରିଥାନ୍ତି। ପୂର୍ବେ ଶଗଡ଼ ଥିଲା, ଗ୍ରାମାଞ୍ଚଳରୁ ଶଗଡ଼ ଶଗଡ଼ ଛଣ ରାସ୍ତାରେ ଯିବା ଦେଖା ଯାଉଥିଲା ପୁଣି କେନାଲ ନଦୀରେ ଡଙ୍ଗାରେ ଛଣ, ଦୂରସ୍ଥାନକୁ ବହନ ହେଉଥିଲା। ସେହି ଧାନଚାଷ ଜମି ଅଛି ମାତ୍ର ଛଣ ନଡ଼ା ଏବେ ଦୁଷ୍ପ୍ରାପ୍ୟ। ଶଗଡ଼ ଡଙ୍ଗାରେ ଆଉ ନଡ଼ା ବୁହାଯାଉନାହିଁ। ୧୯୯୯ ଠାରୁ ଚାଉଳ ନଡ଼ା ଛପର ଘର ଆଉ ଗ୍ରାମାଞ୍ଚଳରେ ଦିଶୁନାହିଁ। ବିଜୁବାବୁ ୧ମ ଥର ମୁଖ୍ୟମନ୍ତ୍ରୀ ବେଳେ ନଡ଼ାଘର ବହୁତ ଖରାଦିନେ ବା ଅସବଧାନରୁ ନିଆଁ ଲାଗି ଧନଜୀବନ କ୍ଷତି କରିବା ଦେଖି, ମାଟିରେ ପୋଡାଟାଇଲର ଛାତ ପାଇଁ ଶିଳ୍ପମାନ ବିଭିନ୍ନ ସ୍ଥାନରେ କରି ଗୃହାଛଦନ ବ୍ୟବସ୍ଥା କରିଥିଲେ। ତାଙ୍କ ବେଳେ ପ୍ରଚାର ଥିଲା ଟାଇଲ ଛପର ଘର ନିଆଁକୁ ନଥିବ ଡର। ଟାଇଲ ଖବର ପରି ଖୋଲା ଖପୁରୀ ବି ଅନେକ ହେଉଥିଲା। ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କ ମୂଳଘର ଏମିତି ଏକ ଖପୁରୀ ଛପର ଘର ଥିଲା। ତାହା ଉତ୍ତର ପ୍ରଦେଶର ବନାରସର ନଦୀପାର ରାମ ନଗରପଟ ବ୍ୟାସ କାଶି ପଟର ଅଞ୍ଚଳ। ବିପଦ ଏକ ଗୁରୁ। ସେ ଅନେକ ଶିକ୍ଷା ଦିଅନ୍ତି। ବିପଦ ଦୈବୀ ଦୁର୍ବିପାକରୁ ଆସେ। ବାତ୍ୟା, ମହାବାତ୍ୟା, ଏମିତି ଏକ ଏକ ଗୁରୁ, ସେ ଚାଳ, ଗୃହଛାଦନ ସମସ୍ୟା ତୁଟାଇଛି, କୋଠାଘର ଗ୍ରାମ ସହରର ସର୍ବତ୍ର ଦୃଶ୍ୟ, ବଳଦ ଚାଷୀଙ୍କର ପୋଷିବା ଦରକାର ପଡ଼ିଲା ନାହିଁ, ତାଙ୍କ କାମ ଟ୍ରାକ୍ଟର କରିଦେଉଛି। ହେଲେ ବିପତ୍ତି ବି ଏଥିରେ ଅଛି। ନଡାକୁଟା ସବୁ କ୍ଷେତ୍ରରେ ନିଆଁରେ ନଷ୍ଟ କରିଆଯାଯିବାରୁ ବାୟୁ ମଣ୍ଡଳ ପ୍ରଦୂଷଣ ହେଉଛି। ଗୋବର ଅଭାବରୁ ଜୈବିକ ଖତ ସାର କମିଯାଉଛି। ଆଜି ଦିଲ୍ଲୀ ପ୍ରଦୂଷଣର ମୁଖ୍ୟ କାରଣ। ଦିଲ୍ଲୀ ଉପକଣ୍ଠ ହରିୟାଣାର ଗହମ କ୍ଷେତ୍ରରେ ଗହମ ଚାଷ ପରେ ଗହମ ନଡ଼ାରେ ଅଗ୍ନି ସଂଯୋଗ। ମହାଭାରତ ଯୁଗରେ ହସ୍ତୀନା ଏଇ ଦିଲ୍ଲୀନଗରୀ। ହସ୍ତୀନାରେ ତତ୍କାଳ ରାଜ କରୁଥିବା ଦୁର୍ଯ୍ୟୋଧନ ପାଣ୍ଡବଙ୍କୁ ପାଞ୍ଚ ଖଣ୍ଡି ପଡ଼ା ରାଜ୍ୟ ଦେବାକୁ ତାଙ୍କର ସଚିବ ମନ୍ତ୍ରୀ ପରାମର୍ଶରେ ମନା କରିଥିଲେ ଏଇ ପାଞ୍ଚ ଖଣ୍ଡି ପଡ଼ା ରାଜ୍ୟ ହସ୍ତୀନା ସୀମାନ୍ତ ବର୍ତ୍ତମାନ ହରିୟାନାର ସୋନପତ ପାନିପଥ ପରି ସ୍ଥାନ। ସେତେବେଳେ ପରିକଳ୍ପନା ଏବେ ଗ୍ରହଣ କରାଯାଉନାହିଁ। ସବୁ ବଦଳେ, ସ୍ଥାନ ନାମ ବଦଳେ, ରାଜତନ୍ତ୍ର ବଦଳେ, ହେଲେ ଜଳବାୟୁ ପାଣି ପବନର ଧାରା କମ ବଦଳେ। ପବନକୁ କିଏ ରୋକିପାରେ, ଏଇ ପବନ ହିଁ ପ୍ରଦୂଷଣ ଗନ୍ଧାଦି ସ୍ଥାନାନ୍ତର କରାଏ। ଜନ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ରାସ୍ତାଘାଟ, ଯାନ ସଂଖ୍ୟା ବଢୁଛି କୋଠାଘର ମାଳ ମାଳ, ବୃକ୍ଷଲତା କମିଛି। ଏଥିରେ ଧୂଆଁ ଧୂଳି ପ୍ରଦୂଷଣ କି କ୍ଷତି ନକରାଉଛି ? ସଂସ୍କାର, ସଂହାର ପରେ କରିବାକଥା ସମୁହ ସମସ୍ୟାର ସମ୍ଭାବନାକୁ ସଂସ୍କାର ଦ୍ୱାରା ମୁକାବିଲା କରାଯାଏ ଏଥିପାଇଁ ଜନତାଙ୍କର ସହଯୋଗ ରାଜଚେଷ୍ଟା ଓ କାନୁନ ଶାସ୍ତ୍ରମାର୍ଗ ଓ ଅଭିଜ୍ଞଙ୍କ ପରାମର୍ଶ ନିହାତି ଆବଶ୍ୟକ।

**'ବରେଣ୍ୟ ବାଣୀ' ପିସି ସରକାର ଲେନ୍,**
**ଅରୁଣୋଦୟ ମାର୍କେଟ, କଟକ**
**ଦୂରଭାଷ : ୯୪୩୭୦୩୧୨୫୩**

# ଜନନାୟକ ନୀଳମଣି ରାଉତରାୟ

॥ ବାଦଲ ଭୂୟାଁ ॥

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ରାଜନୀତି କ୍ଷେତ୍ରରେ ସକ୍ରିୟ ମଙ୍ଗୁଆଳ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଲକ୍ଷ୍ୟ ସ୍ଥଳୀରେ ପହଞ୍ଚାଇବା ପାଇଁ ନିଷ୍ଠାପର ଉଦ୍ୟମ କରିଥିବା ରାଜନେତାଙ୍କ ମଧ୍ୟରେ ନୀଳମଣି ରାଉତରାୟ ଅନ୍ୟତମ।



ଓଡ଼ିଶା ତଥା ଓଡ଼ିଆ ଜାତିର ସେବା ଥିଲା, ତାଙ୍କ ଜୀବନର ଏକମାତ୍ର ବ୍ରତ। ସେ କୌଣସି ସମୟରେ ମେଧାବୀ ଛାତ୍ର ନଥିଲେ। ରେଭେନ୍ସା କଲେଜରୁ ବହିଷ୍କୃତ ହୋଇଥିବା ପ୍ରଥମ ଛାତ୍ର ହେଉଛନ୍ତି ନୀଳମଣି ରାଉତରାୟ। ତାଙ୍କୁ ବହିଷ୍କାର କଲାବେଳେ ରାଭେନ୍‌ସାର ତତ୍କାଳୀନ ଅଧ୍ୟକ୍ଷ ଡ.ପ୍ରାଣକୃଷ୍ଣ ପରିଜା ତାଙ୍କ ଚରିତ୍ର ସାର୍ଟିଫିକେଟରେ ଲେଖିଥିଲେ ନୀଳମଣି ଚାରି ବର୍ଷର ଛାତ୍ର ଜୀବନରେ ଧ୍ୱଂସମୂଳକ କାର୍ଯ୍ୟକ୍ରମ ଦ୍ୱାରା କଲେଜକୁ ଏକ ମରୁଭୂମିରେ ପରିଣତ କରିଦେଇଥିଲେ ଏବଂ ଏ ପ୍ରକାର ଛାତ୍ରକୁ ନେଇ ପୃଥିବୀର କୌଣସି ଶିକ୍ଷାନୁଷ୍ଠାନ ଚାଲିପାରିବ ନାହିଁ। ଏପରି ନକାରାତ୍ମକ ଟିପ୍ପଣୀ ସତ୍ତ୍ୱେ ସେ କଲକାତାର ବିଦ୍ୟାସାଗର କଲେଜରୁ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ବିଦ୍ୟାସାଗର କଲେଜରେ ଭର୍ତ୍ତି କରାଇବାରେ ସାହାଯ୍ୟ କରିଥିଲେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ। ପରବର୍ତ୍ତୀ କାଳରେ ଆଇନ ଓ ରାଜନୀତି ବିଜ୍ଞାନରେ ଏମ୍‌ଏ ପଢ଼ିବା ପାଇଁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରେ ମଧ୍ୟ ଆନ୍ଦୋଳନାତ୍ମକ କାର୍ଯ୍ୟରେ ମାତ୍ରାଧିକ ସଂପୃକ୍ତି ଯୋଗୁଁ ବହିଷ୍କୃତ ହୋଇଥିଲେ। ଘଟନାକ୍ରମେ ସେ କଲକାତା ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରି, କଟକ ଫେରିଥିଲେ ଏବଂ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଜାତନ୍ତ୍ରର ସେ ଥିଲେ ପ୍ରଥମ ମୁଖ୍ୟ ପରିଚାଳକ। ଏହି ଖବରକାଗଜର ପ୍ରଚାର ପ୍ରସାର ପାଇଁ ବହୁ ଉଦ୍ୟମ କରିଥିଲେ। ନୀଳମଣିଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ରାଜନୈତିକ ଜୀବନର ପ୍ରଥମ ବିଧାନସଭା ନିର୍ବାଚନ ତାଙ୍କୁ ଲଢ଼ିବାକୁ ପଡ଼ି ନଥିଲା। ତାଙ୍କ ବିରୋଧରେ କେହି ପ୍ରାର୍ଥୀ ପତ୍ର ଦାଖଲ ନକରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ୧୨ ଜୁଲାଇ ୧୯୪୮ରେ ବିଧାନସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିଲେ। ୧୯୫୨ରେ ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରେ ସେ ଥିଲେ ଘରୋଇ ବିଭାଗର ଉପମନ୍ତ୍ରୀ; ତତ୍କାଳୀନ କନିଷ୍ଠତମ। ନାନା ବିବାଦୀୟ ପରିସ୍ଥିତିରେ ସକ୍ରିୟ ରାଜନୀତିରୁ ଅବସର ନେବା ପରେ ବନ୍ଧୁ ଓ ଶୁଭକାଂକ୍ଷୀଙ୍କ ଅନୁରୋଧ ଏଡ଼ାଇ ନ ପାରି ନୀଳମଣି ଆତ୍ମଚରିତ ରଚନାରେ ମନ ଦେଇଥିଲେ। ତାଙ୍କ ଆତ୍ମଚରିତ ସ୍ମୃତି ଓ ଅନୁଭୂତିକୁ କେହି କେହି ଓଡ଼ିଶାବାସୀଙ୍କୁ ନୀଳମଣିଙ୍କର ସର୍ବଶ୍ରେଷ୍ଠ ଅବଦାନ ବୋଲି କହନ୍ତି। ତାଙ୍କ ଆତ୍ମଚରିତ ସଂପର୍କରେ ସେ ନିଜେ ଲେଖିଛନ୍ତି... 'ଏହା ମୋର ଜୀବନ ବୃତ୍ତାନ୍ତ ନୁହେଁ, ଐତିହାସିକ ପ୍ରବାହର ଏକ କ୍ରମିକ ବିବରଣୀ ମଧ୍ୟ ନୁହେଁ। ଏହା କେବଳ ମୋର ସ୍ମୃତି ଓ ଅନୁଭୂତିର ବୃତ୍ତାନ୍ତ'। ୧୯୨୦ମେ ଆଜିର ଦିନରେ ତିହିଡ଼ି ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଜନ୍ମ ହୋଇଥିଲେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ପାରାଦୀପରେ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି ଟ୍ରାଫିକ ଛକରେ ବେଆଇନ ଭାରୀଯାନ ପାର୍କିଙ୍ଗ : ନିଦା ବିଷ୍ଣୁ ସାଜିଛି ପ୍ରଶାସନ




ପାରାଦୀପ, (ମହାଭାରତ) : ବନ୍ଦର ନଗରୀ ପାରାଦୀପ ରେ ଟ୍ରାଫିକ ଅବ୍ୟବସ୍ଥା ଯୋଗୁଁ ବିଭିନ୍ନ ମୁଖ୍ୟ ରାସ୍ତା ମାନଙ୍କରେ ଦୁର୍ଘଟଣା ବୃଦ୍ଧି ପାଇବା ସହ ଯାନବାହନ ଓ ସାଧାରଣ ଯାତାୟତରେ ସମସ୍ୟା ଲାଗି ରହିଛି । ପାରାଦୀପ ବନ୍ଦର ସହର ସ୍ୱର୍ଣ୍ଣକାତର ଆଦର୍ଶ ଥାନା ଟ୍ରାଫିକ ଛକରେ ବେଆଇନ ଭାବେ ବସ ରହଣି ଓ ପିଆଇସିଟି ର ବିଭିନ୍ନ ପାଣ୍ୟବାହୀ ଭାରୀଯାନ ଚଳାଚଳ ଯୋଗୁଁ ବିପଦ ସଂକୁଳ ହୋଇପଡିଛି ଏହି ଟ୍ରାଫିକ ଛକ । ଏସବୁ ଭାରୀଯାନ ଗୁଡିକର ଗତିରୋଧ ପାଇଁ ଏହି ଗୋଲେଇ ଛକର ଚତୁର୍ପାର୍ଶ୍ୱ ରାସ୍ତାରେ ହମ୍ପସ ନିର୍ମାଣ ପାଇଁ ଦାବୀ ଏବଂ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ମଧ୍ୟ ପ୍ରଶାସନ ଦାରୁ ବ୍ରହ୍ମ ସାଜିଥିବା ନେଇ ସାଧାରଣରେ ସମାଲୋଚିତ ହୋଇଛନ୍ତି । ଅନ୍ୟପକ୍ଷରେ ଏହି ଛକ କୁ ଲାଗିକରି ପାରାଦୀପ ଆଦର୍ଶ ଥାନା ରହିଥିଲେ ମଧ୍ୟ ନା ପୋଲିସ ନା ଟ୍ରାଫିକ କର୍ମଚାରୀ କାହାରି ଦର୍ଶନ ମିଳୁନାହିଁ । ଯାହାଫଳରେ ଅବ୍ୟବସ୍ଥିତ ଟ୍ରାଫିକ ସାଙ୍ଗକୁ ଦୁର୍ଘଟଣା ସାଙ୍ଗକୁ ସାଧାରଣରେ ଚଳାଚଳ କଷ୍ଟସାଧ ହୋଇପଡିଛି । ସେହିପରି ଏହି ଥାନା ସମ୍ମୁଖ ଗୋଲେଇ ଛକ ଦେଇ ବନ୍ଦର ନିଷିଦ୍ଧାଞ୍ଚଳ ୪ ନମ୍ବର ଫାଟକ ଦେଇ ବନ୍ଦର ଓ କମ୍ପାନୀ କର୍ମଚାରୀ ଓ ଶ୍ରମିକ ଦୈନିକ ଯାତାୟତ କରୁଥିବା ବେଳେ ବସ ଷ୍ଟାଣ୍ଡ, ହନୁମାନ ମନ୍ଦିର, ମେରାଇନ ଡ୍ରାଇଭ, ଓ ବଡ଼ପଡ଼ିଆ ମୁଖ୍ୟ ମାର୍କେଟ କୁ ସ୍ଥାନୀୟ ବାସିନ୍ଦା, ପର୍ଯ୍ୟଟକ ଙ୍କ ସମେତ ଅନେକ ଲୋକ ଯିବାଆସିବା କରିଥାନ୍ତି । ତେଣୁ ଥାନା ନିକଟସ୍ତ ଏହି ଟ୍ରାଫିକ ଛକ ବହୁ ଗୁରୁତ୍ୱପୂର୍ଣ୍ଣ । ତେବେ ପୋଲିସ ଓ ସ୍ଥାନୀୟ ପ୍ରଶାସନର ଏହି ଛକରେ ଟ୍ରାଫିକ ନିୟନ୍ତ୍ରଣ ରେ ଏଭଳି ଅବହେଳା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଅଗ୍ରଣୀ ପରିବେଶ ଧର୍ମୀ ଅନୁଷ୍ଠାନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରାଯାଇଛି ।

# ଖାକିରେ ଗୋଲାପି ଛିଟା, ଚିନ୍ତାରେ ପୋଲିସ ବିଭାଗ : ବାରମ୍ବାର ବଦନାମ୍ ହେଉଛନ୍ତି ଜିଲ୍ଲା ପୋଲିସ, ତଥାପି ଚେତୁ ନାହାନ୍ତି




ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ପୁଲିସ ଓ କଳଙ୍କ ଯେପରି ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପାଲଟିଗଲାଣି। ବର୍ତ୍ତମାନ କିଛି ଦିନ ତଳେ ରଣପୁର କୋର୍ଟରେ କାର୍ଯ୍ୟରତ ଅତିରିକ୍ତ ପୁଲିସ ଉପନିରୀକ୍ଷକ ପ୍ରଶାନ୍ତ ପରିଡ଼ାଙ୍କୁ ବଡ଼କୂଅ ସାହିରେ ଯେପରି ହଟହଟା ହେବାକୁ ପଡ଼ିଲା, ଏହାକୁ ନେଇ ଜିଲ୍ଲାରେ ଜୋରଦାର ଚର୍ଚ୍ଚା ଓ ଆଲୋଚନା ହେଉଛି। ପ୍ରଶାନ୍ତ ଦେଉଥିବା ମନ୍ତବ୍ୟକୁ ମଧ୍ୟ ସହଜରେ ଗ୍ରହଣ କରି ହେଉ ନାହିଁ। ଯାହାକି ତାଙ୍କୁ ବିବାଦକୁ ଟାଣିଛି। ପୂର୍ବରୁ ଦୁଇ ଜଣ ଅଧିକାରୀ ଖଣ୍ଡପଡ଼ା ତତ୍ ?କାଳୀନ ଏସ୍ ?ଡିପିଓ ମଦନ ମୋହନ ପ୍ରଧାନ ଓ ଶରଣୁକଳ ଥାନା ଇନ୍ସପେକ୍ଟର୍ ସୁଜିତ କୁମାର ଦାଶଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଉଭୟ ମଧ୍ୟ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାକୁ ନେଇ ସାରା ରାଜ୍ୟରେ ହଟଚମଟ ସୃଷ୍ଟି ହେଉଥିଲେ ମଧ୍ୟ ଏହାର ପ୍ରଭାବ ଅନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଆଦୌ ପଡ଼ି ନଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ବର୍ତ୍ତମାନ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇ ରହିଛି। ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟୁଥିବା ବେଳେ ଏବେ ବି କିଛି ମାମଲାରେ ପୁଲିସକୁ ଶତ ପ୍ରତିଶତ ସଫଳତା ମିଳି ନାହିଁ। ପୁଲିସ ମୁଖିଆଙ୍କ ଟିମ୍ ଏଥିରେ ବ୍ୟସ୍ତ ରହିଥିବା ବେଳେ ମଝିରେ ମଝିରେ ଏମିତି ଘଟଣା, ବିଭାଗର ମୁଣ୍ଡ ତଳକୁ କରି ଦେଉଛି। ଯେଉଁ କଳଙ୍କ କୁ ଛଡ଼ାଇବା ପାଇଁ ଜିଲ୍ଲା ପୁଲିସକୁ ବହୁ କସରତ କରିବାକୁ ପଡୁଛି। ପୁଲିସ ଚାକିରି ପୂର୍ବରୁ ମହିଳାଙ୍କ ଜାଲରେ କିପରି ନଫସିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇ ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ମାତ୍ର ଏହି ପ୍ରଶିକ୍ଷଣ କୌଣସି କାମରେ ଆସୁ ନଥିବା ଦେଖିବାକୁ ମିଳୁଛି। ଗତ ତିନିମାସ ରେ ତିନି ତିନି ପୁଲିସ ବାବୁଙ୍କ କାରନାମା ଏହାର ସ୍ୱଷ୍ଟ ପ୍ରମାଣ। ଯାହାକି ନଶ୍ଚିତ ଭାବେ ବରିଷ୍ଠ ପୁଲିସ ଅଧିକାରୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ରଣପୁର କୋର୍ଟରେ କାର୍ଯ୍ୟରତ ଅତିରିକ୍ତ ପୁଲିସ ଉପନିରୀକ୍ଷକ ପ୍ରଶାନ୍ତ ପୁରୀ ଘୋଷଯାତ୍ରା ଡିୟୁଟିରେ ଯିବା ସାର୍ଟିଫିକେଟ୍ ଗତ ୧୦ ତାରିଖରୁ କଟା ସରିଥିଲେ ମଧ୍ୟ ସେ ଏଠାରେ ରହିଛନ୍ତି। ତାଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ଏଡ଼ାଇଯିବା ପାଇଁ ସେ ଯଥାସମ୍ଭବ ପ୍ରୟାସ ଚଳାଇଛନ୍ତି। ଯେହେତୁ ପୂର୍ବରୁ ସେ ଏଠାରେ ଘରଭଡ଼ା ନେଇ ରହୁଥିଲେ। ସେଥିପାଇଁ ଘର ମାଲିକଙ୍କ ସହ କୁଆଡ଼େ ତାଙ୍କର ସମ୍ପର୍କ ବେଶ୍ ନିବିଡ଼ ଥିଲା। ଘରମାଲିକଙ୍କ ବୋହୂଙ୍କର ମୁଣ୍ଡ ବିନ୍ଧିବା ଯୋଗୁଁ ତାଙ୍କ ମା' ମୋତେ ଔଷଧ ପାଇଁ ଫୋନ୍ କରିଥିଲେ। ଔଷଧ ନେଇ ଯିବା ବେଳକୁ କବାଟ ବନ୍ଦ ରହିଥିବାରୁ ବାଡ଼ିପଟୁ ଘରକୁ ପଶିଥିଲେ। ମାତ୍ର ଏହାର ଭିନ୍ନ ଉଦ୍ଦେଶ୍ୟ ବାହାର କରାଯାଉଛି ବୋଲି ସେ ଓଲଟା ଅଭିଯୋଗ କରିଛନ୍ତି। ପ୍ରଶାନ୍ତଙ୍କୁ ଘର ମାଲିକ ଓ ତାଙ୍କ ପୁଅ ଧରିବା ପରେ ସାହିବାସୀ ତାଙ୍କୁ କ୍ଷମା ମଗାଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲିବା ଯୋଗୁଁ ଜିଲ୍ଲା ପୁଲିସର ମୁଣ୍ଡ ତଳକୁ କରି ଦେଇଛି। ଏଣୁ ଏ ନେଇ ବରିଷ୍ଠ ପୁଲିସ ଅଧିକାରୀ ମାନେ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନର କବିତା ଆସର

ଦଶପଲ୍ଲା, (ମହାଭାରତ): ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ଦଶପଲ୍ଲା ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ଶ୍ରାଦ୍ଧ ବାର୍ଷିକୀ ପାଳିତ ହେବା ସହ ଉତ୍କଳ ମଣି ଗୋପବନ୍ଧୁ ଉପରେ ଏକ କବିତା ଆବୃତ୍ତି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ର ସଭାପତି ତଥା ଶିକ୍ଷାବିତ ପ୍ରଶନ୍ନ କୁମାର ଶତପଥି ଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଡଭୋକେଟ ଶରତ କୁମାର ବେହେରା, ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଯୋଗଦାନ କରିଥିଲେ, ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ସେବା ଆଦର୍ଶ ଓ ଜୀବନୀ ଉପରେ ଅତିଥି ମାନେ ଉଦବୋଧନ ଦେଇଥିଲେ। ପରେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଉପରେ କବିମାନେ କବିତା ଆବୃତ୍ତି କରିଥିଲେ, ବରିଷ୍ଠ କବି ମୁରଲିଧର ମହାରଣା, ମହେଶ୍ୱର ବେହେରା, ପ୍ରଫୁଲ୍ଲ କୁମାର ମିଶ୍ର, ଗଙ୍ଗାଧର ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ସୁରେନ୍ଦ୍ର ମିଶ୍ର,ବରୁଣ କୁମାର ସାହୁ, ପ୍ରମୁଖ କବିତା ଗାନ କରିଥିଲେ ।

## କାର ସହିତ ସ୍କୁଟିର ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର ଆହତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର ଠାକୁରମୁଣ୍ଡା–କରଞ୍ଜିଆ ରାସ୍ତାର ସୁନାରିପଷି ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ କାର ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଚାଇଁବାଇଁଶି ଗ୍ରାମରୁ ସ୍କୁଟି (ନଂ– ଓଡ଼ି୧୧ଇଖ୦୨୯୮) ଯୋଗେ ଦୁଇ ଜଣ ବ୍ୟକ୍ତି କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମାଛଗଡ଼ ଗ୍ରାମପଞ୍ଚାୟତର ଓସ୍ତଯୋଡି ଗ୍ରାମକୁ ଯାଉଥିଲେ। ସେହି ସମୟରେ କେନ୍ଦୁଜିଆଣି ପଟରୁ ଯାଜପୁର ଅଭିମୁଖେ ଯାଉଥିବା କାର (ନଂ– ଓଡ଼ି୩୩ଉ୭୬୫୫) ସହିତ ସୁନାରିପଷି ଛକ ନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ସ୍କୁଟିରେ ଥିବା ଉଭୟ ଆରୋହୀ ଗୁରୁତର ଆହତ ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଦୁର୍ଘଟଣାର ଖବର ପାଇ ଠାକୁରମୁଣ୍ଡା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ପୋଲିସ ଥାନା ଗାଡ଼ିରେ ଉଭୟ ଆହତଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଚାଇଁବାଇଁଶି ଗ୍ରାମର ଚୈତନ୍ୟ ଖଣ୍ଡାପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅନ୍ୟପକ୍ଷରେ ଓସ୍ତଯୋଡି ଗ୍ରାମର ପାପୁନ ନାଏକଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିଲା। ମାତ୍ର ଦୁଃଖଦ ବିଷୟ, ରାସ୍ତାରେ ଅଧାବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଠାକୁରମୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ସ୍କୁଟିକୁ ଜବତ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ଆବର୍ଜନା ବର୍ଷା ପାଣି ପାଇପ୍ ରେ ପଶୁ ଛି

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବଡ ପାଟଣା ପଞ୍ଚାୟତ ପକ୍ଷ ରୁ ଯୋଗାଇ ଦିଆଯାଉ ଥିବା ପାନୀୟ ଜଳ ଯୋଗାଣ ରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ପଞ୍ଚାୟତ ପକ୍ଷ ରୁ ଯୋଗାଇ ଦିଆଯାଉ ଥିବା ପାଣି ରେ ବିଶୁଦ୍ଧ ଆସୁ ଛି। ଯାହା କି ପାଟଣା କଲେଜ ଯିବା ରାସ୍ତା ଜି.ଏଜ୍ ହାଇସ୍କୁଲ ପୂରାତନ ଛାତ୍ରା ବାସ ନିକଟରେ ଏକ ଚାବି ଗାଡ଼ ଟି ଭାଙ୍ଗି ଯିବା ସହ ଅବ୍ୟବସ୍ଥା ହୋଇ ପଡିଥିବା ରୁ ଆବର୍ଜନା ବର୍ଷା ପାଣି ଚାବି ଗାଡ଼ ରେ ଜମି ରହିବା ସହ ପାଇପ୍ ଯୋଗେ ଆବର୍ଜନା ପାଣି ଆସୁଥିବା ଦେଖିବାକୁ ମିଳୁ ଛି। ଏପରି ଅବ୍ୟବସ୍ଥା ଚାବି ଗାଡ଼ ଭାଙ୍ଗିବା ଦ୍ୱାରା ଆବର୍ଜନା ପାଣି ପାଇପ୍ ରେ ପଶୁ ଥିବା ବେଳେ ଗ୍ରାମବାସୀ ସେଇ ପାଣି କୁ ପିଇ ରୋଗ ଗ୍ରସ୍ତ ହୋଇ ପଡିବା ଆଶଙ୍କା ନେଇ ଚାବି ଗାଡ଼ କୁ ତୁରନ୍ତ ମରାମତି କରିବାକୁ ଦାବି କରିଛନ୍ତି। ତେବେ ବଡ ପାଟଣା ପଞ୍ଚାୟତ ପକ୍ଷ ରୁ କେବେ ଚାବି ଗାଡ଼ ମରାମତି କରାଯାଇ ଗ୍ରାମବାସୀ ଙ୍କ ପାଖ ରୁ ରୋଗ ଆଶଙ୍କା ଦୂର କରାଯିବ । ତାହା ଦେଖିବାକୁ ରହିଲା।

## ଦଶପଲ୍ଲା ଏନଏସିରେ 'ନମସ୍ତେ' କାର୍ଯ୍ୟକ୍ରମ: ସଫେଇ କର୍ମଚାରୀଙ୍କୁ ସାମଗ୍ରୀ ବଣ୍ଟନ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର 'ନମସ୍ତେ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପରିମଳ ବିଶେଷଜ୍ଞ ଦେବୀଦତ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସହରାଞ୍ଚଳର ସ୍ୱଚ୍ଛତା ଓ ସଫେଇ କର୍ମଚାରୀମାନଙ୍କ ସୁରକ୍ଷା ତଥା କଲ୍ୟାଣ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ସଫେଇ ସେବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଉପକରଣର ବ୍ୟବହାର ଏବଂ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ବାରିକ, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ବିଭିନ୍ନ ୱାର୍ଡର କାଉନସିଲର ଓ ପରିମଳ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ସଂକଳ୍ପ ନିଆଯିବା ସହ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଚାନ୍ଦବାଲିରେ ତିନିତର ଫେରିଘାଟରେ ଅବ୍ୟବସ୍ଥା: ବୈତରଣୀ ନଦୀରେ ଯାତ୍ରୀଙ୍କ ଜୀବନ ସହ ଖେଳ, ବାଲି ଡଙ୍ଗାରେ ଚାଲିଛି ଯାତ୍ରୀ ପରିବହନ



ଚାନ୍ଦବାଲି,(ମହାଭାରତ) : ଚାନ୍ଦବାଲିର ବୈତରଣୀ ନଦୀର ତିନିତର ଫେରିଘାଟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ନେଇ ଘୋର ଅବ୍ୟବସ୍ଥା ଦେଖାଦେଇଛି। ଯାତ୍ରୀବାହୀ ବୋଟ ପରିବର୍ତ୍ତେ ବାଲି ପରିବହନରେ ବ୍ୟବହୃତ ବାଲିଗଙ୍ଗାରେ ଯାତ୍ରୀଙ୍କୁ ପରିବହନ କରାଯାଉଥିବାରୁ ପ୍ରତିଦିନ ଶତାଧିକ ଲୋକଙ୍କ ଜୀବନକୁ ବାଜିରେ ଲଗାଯାଇ ଯାତ୍ରୀଙ୍କୁ ଫେରିଘାଟ ପାରି ହେବାକୁ ପଡୁଛି କ୍ଷ ଅଭିଯୋଗ ଅନୁଯାୟୀ, ଯାତ୍ରୀ ପରିବହନରେ ନିୟୋଜିତ ବୋଟ ଏବଂ ବୋଟ ଚାଳକଙ୍କ ପାଖରେ ଆବଶ୍ୟକ ଲାଇସେନ୍ସ ନଥିବା ସତ୍ତ୍ୱେ ମଧ୍ୟ ସେବା ଚାଲିଛି। ସୁରକ୍ଷା ନିୟମକୁ ଅଣଦେଖା କରାଯାଉଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଭୟର ପରିବେଶ ସୃଷ୍ଟି ହୋଇଛି। ଏପଟେ ଫେରିଘାଟ ନିଲାମ ହେଉ ନ ଥିବାରୁ ପଂଚାୟତ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ମାସକୁ ମାତ୍ର ୩୦ ହଜାର ଟଙ୍କା ସରକାରୀ ଖାତାକୁ ଦେଇ ବାକି ଲକ୍ଷାଧିକ ଟଙ୍କା ନିଜ ପକେଟ ଗରମ କରୁଛନ୍ତି କ୍ଷ ଆଗକୁ ଆସୁଛି ଶ୍ରାବଣୀ ଯାହା ଫଳରେ ଏବେ ଅଧିକ ରୋଜଗାର ଥିବାରୁ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟି ନ ଦେଇ ଯାତ୍ରୀବାହୀ ଡ଼ଙ୍ଗା ବଦଳରେ ବାଲି ପାରିବହନ ଡ଼ଙ୍ଗାରେ ଫେରି ଘାଟ ପାରି ହେଉଛନ୍ତି ଯାତ୍ରୀ, ପୂର୍ବରୁ ଚିଲିକାରେ ଡ଼ଙ୍ଗା ବୁଡି ଘଟଣା ପରି ଯଦି କୌଣସି ସମୟରେ ତିନିତର ଫେରି ଘାଟରେ ଦୁର୍ଘଟଣା ନ ଘଟିବ ତାହାତ କହିବା ମୁସ୍କିଲ ହେଲେ ପ୍ରଶାସନ ପକ୍ଷରୁ ସୁରକ୍ଷା ଉପରେ କୌଣସି ପଦକ୍ଷେପ ନାହିଁ,ଏବେ ଫେରିଘାଟ ପରିଚାଳନାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ତୀବ୍ର ରୂପ ନେଇଛି। ଉଭୟ ପକ୍ଷ ପରସ୍ପର ବିରୋଧରେ ଥାନାରେ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକ ଓ ଯାତ୍ରୀମାନେ ତୁରନ୍ତ ପ୍ରଶାସନ ହସ୍ତକ୍ଷେପ କରି ଲାଇସେନ୍ସପ୍ରାପ୍ତ ବୋଟ ମାଧ୍ୟମରେ ସୁରକ୍ଷିତ ଯାତ୍ରୀ ପରିବହନ ବ୍ୟବସ୍ଥା କରିବା ସହ ଅନିୟମ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ କେବେ ପଦକ୍ଷେପ ନିଆଯିବ, ତାହା ଏବେ ସମସ୍ତଙ୍କ ନଜରରେ ରହିଛି।

# ବର୍ଷା ଯୋଗୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁ ସଂଯୋଗ କରୁଥିବା ରାସ୍ତା ବେହାଲ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ସାହାରପଡା ମୁଖ୍ୟାଳୟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ି ଛି। ବର୍ଷା ହେଲେ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ପାଣି ଜମି ରହୁଥିବାରୁ ପ୍ରତିଦିନ ସ୍କୁଲ କୁ ଛାତ୍ରଛାତ୍ରୀ,ଅଭିଭାବକ ଓ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଇ ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ,ପାଦଚଲା ଲୋକେ ସାଇକେଲ,ମୋଟ ସାଇକେଲ ଓ ଚାରିଚକିଆ ଯାନ ବିଦ୍ୟାଳୟ କୁ ଯାତାୟାତ କରୁଥିବା ବେଳେ ରାସ୍ତାର ଦୟନୀୟ ଅବସ୍ଥା ହୋଇ ପଡି ଥିବା ବେଳେ ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରୁ ଛି। ବର୍ଷା ଦିନରେ ଖାଲରେ ପାଣିଜମି ରହୁଥିବା ରୁ ଦୁର୍ଘଟଣା ଆଶଙ୍କା ବଢ଼ି ଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ,ଦୀର୍ଘଦିନ ଧରି ଏହି ସମସ୍ୟା ରହିଥିଲେ ବି ପ୍ରଶାସନ ପକ୍ଷରୁ ରାସ୍ତା ର ମରାମତି ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ। ପ୍ରଶାସନ ପକ୍ଷରୁ ବିକାଶର କାର୍ଯ୍ୟ କରି ସଂପୂର୍ଣ୍ଣ କରାଯାଉ ଥିବା ବେଳେ ଆଦର୍ଶ ବିଦ୍ୟାଳୟ କୁ ସଂଯୋଗ କରୁଥିବା ରାସ୍ତା ର ମରାମତି କରିବାକୁ ଦାବି କରିଛନ୍ତି । ଏହି ଖବର ପ୍ରସାରଣ ପରେ ପ୍ରସାଶନ ରାସ୍ତା ର ମରାମତି କରିବ ଛାତ୍ରଛାତ୍ରୀ ନିରାପଦ ବିଦ୍ୟାଳୟ ଯାତାୟାତ କରି ପାରିବେ ତାହା ଦେଖିବାକୁ ବାକି ରହିଲା।



## କ୍ରମାଗତ ଭାବରେ ୫ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ସଂଯୋଗ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ଇଂ ରୂପେଶ ପାଣିଗ୍ରାହୀ

ପାରଳାଖେମୁଣ୍ଡି, (ମହାଭାରତ) : କାଶୀନଗର ଓ ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ନେଇ ଲୋକେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଗୁମ୍ମା ବ୍ଲକର ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଲେକେ ରାସ୍ତା ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚି ପାରୁ ନ ଥିବାରୁ ଗର୍ଭବତୀ ମହିଳାଙ୍କୁ ମେଡିକାଲ ନେବା ସହ ସ୍ୱାସ୍ଥ୍ୟ ଖରାପ ହେଲେ, କିମ୍ବା ଜରୁରୀକାଳୀନ ଯାତାୟାତ ବହୁ କଷ୍ଟକର ହେଉଥିଲା। ବିଧାୟକଙ୍କ ଦୃଷ୍ଟି ଆକର୍ଷଣ ପରେ ଜନସାଧାରଣଙ୍କୁ ରାସ୍ତା ନିର୍ମାଣ ନେଇ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ। ଆଜି ଏହି ସବୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଯାହାକୁ ନେଇ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି ଅଞ୍ଚଳବାସୀ। ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ସାରସଙ୍ଗୁଡା ଠାରୁ କୁସୁମଗୁଡା ରାସ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଠାରୁ କୁସୁମଗୁଡା ପ୍ରାୟ ସାଢେଦୁଇ କିଲୋମିଟର ରାସ୍ତା ୨ କୋଟି ୫୨ ଲକ୍ଷ୍ୟ ଟଙ୍କାରେ ନିର୍ମାଣ କାର୍ଯ୍ୟର ଭିତ୍ତିଭୂମି ପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ରୁପେଶ ପାଣିଗ୍ରାହୀ, ଏହା ପରେ ଖାରଡା ପଞ୍ଚାୟତ ର ଖାରଡାସିଂ ଠାରୁ ବାବୁଲଗୁଡା ପ୍ରଜନ୍ତ ୩ କିଲୋମିଟର ରାସ୍ତା ପ୍ରାୟ ୩ କୋଟି ଟଙ୍କା ବ୍ୟୟ ରେ ନିର୍ମାଣ ହେବ ପକ୍କା ରାସ୍ତା ।

# ଦୁଇମାସରେ ଦବିଗଲା ଆପ୍ରୋଚ୍ ରୋଡ୍ : ଗମ୍ଭାରିଡିହି-ଟିପୁରା ପୋଲ ନିର୍ମାଣରେ ହୋଇଛି ଆଖିବୁଜା ଦୁର୍ନୀତି



ନୟାଗଡ଼, ( ମହାଭାରତ ) : ଦୁଇ ବର୍ଷରେ ପୋଲ ନିର୍ମାଣ ଶେଷ ହେବା ନେଇ ଲକ୍ଷ୍ୟ ରହିଥିଲା। ହେଲେ ସରିବାକୁ ୭ ବର୍ଷ ଲାଗିଲା। ଶେଷ ହେବାର ଦୁଇ ମାସ ନବିତୁଣୁ ଏହାର ଆପ୍ରୋଚ୍ ରୋଡ୍ ଭୁଶୁଡ଼ି ପଡ଼ିଲା ଏବଂ ଆପ୍ରୋଚ୍ ରୋଡ୍ ଦବି ରାସ୍ତା ଫାଟି କରିଛି ଆଁ। ଦିନ କେଇଟାରେ ଏହି ଆପ୍ରୋଚ୍ ରୋଡ୍ ?ର ଅବସ୍ଥା ଦେଖିଲେ ଗମ୍ଭାରିଡିହି ଓ ଟିପୁରା କୁ ସଂଯୋଗ କରୁଥିବା ଦୁଆଣ୍ଟ ନଦୀ ଉପରେ ହୋଇଥିବା ପୋଲ ନିର୍ମାଣରେ କେତେବଡ଼ ଦୁର୍ନୀତି ହୋଇଥିବା ତାହା ସ୍ୱଷ୍ଟ ଅନୁମାନ କରାଯାଉଛି। ଏହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ନୟାଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ- ୧ ଅଧୀନରେ ଦୁଆଣ୍ଟ ନଦୀ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା। ୨୦୧୯ ଫେବୃଆରୀ ମାସରେ ଏହି ପୋଲ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଏହି ପୋଲ ଦ୍ୱାରା ଅଞ୍ଚଳର ୭ ହଜାରରୁ ଅଧିକ ଲୋକ ଉପକୃତ ହେବାକୁ ଥିବା ବେଳେ ପୋଲ ନିର୍ମାଣ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିଲା। ୯୧.୮୯ ମିଟର ଲମ୍ବା ଏବଂ ୮.୩୫ ମିଟର ଚଉଡ଼ା ବିଶିଷ୍ଟ ପୋଲ ନିର୍ମାଣ ପାଇଁ ୫ କୋଟି ୮୫ ଲକ୍ଷ ୬୫ ହଜାର ଟଙ୍କା ଅନୁମୋଦନ କରାଯାଇଥିଲା। ୨୦୧୯ ଅଗଷ୍ଟ ୨୧ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୦୨୧ ମସିହା ଫେବୃଆରୀ ୨୦ ତାରିଖ ସୁଦ୍ଧା ଏହାର ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରହିଥିଲା। ଅବଧି ପରେ ଅବଧି ଶେଷ ହୋଇ ଚାଲିଥିବା ବେଳେ ପୋଲ ନିର୍ମାଣ ଶେଷ କରିବା ପାଇଁ ସାତ ବର୍ଷ ଲାଗି ଯାଇଥିଲା। ଏହି ପୋଲ ଦ୍ୱାରା ସ୍ଥାନୀୟ ଗମ୍ଭାରିଡ଼ିହି, ଚନ୍ଦ୍ରଶେଖରପୁର, ଦେଉଳି, କୃଷ୍ଣାଦେଇପୁର, ନନ୍ଦପୁର, ସାମନ୍ତରାପୁର, ଟିପୁରା, ଇଜିରି, ନନ୍ଦିପୁର, ତେନ୍ତୁଳିଆପଲ୍ଲୀ, ଖଇରପଟି ଓ ଆଡ଼ବନ୍ଧ ଆଦି ଗ୍ରାମବାସୀ ଉପକୃତ ହେବେ। ମାତ୍ର ବର୍ତ୍ତମାନ ପୋଲର ଆପ୍ରୋଚ୍ ରୋଡ୍ ଅବସ୍ଥାକୁ ଦେଖିଲେ ସମ୍ପୂର୍ଣ୍ଣ ପୋଲ ନିର୍ମାଣରେ କେତେ ଜାଲିଆତି କରାଯାଇଥିବ, ଏହା ସହଜରେ ଅନୁମାନ କରାଯାଇପାରେ। ସ୍ଥାନୀୟ ଗ୍ରାମବାସୀ ଏହି ଅନିୟମିତତାର ଭିଜିଲାନ୍ସ ତଦନ୍ତ ସହ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଜିଲ୍ଲାପାଳ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ପ୍ରଥମତଃ ପୋଲ ନିର୍ମାଣ ଶେଷ କରିବା ପାଇଁ ବର୍ଷ ପରେ ବର୍ଷ ବିତିଗଲା। ଏପଟେ ନିର୍ମାଣ ଶେଷ ହେବାର ଦୁଇ ମାସ ବିତିନି, ଆପ୍ରୋଚ୍ ରୋଡ଼ ଭୁଶୁଡ଼ି ପଡ଼ିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଚନ୍ଦ୍ରଶେଖରପୁର ଗ୍ରାମବାସୀ କହିଛନ୍ତି। ଏ ନେଇ ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଅମିୟ କୁମାର ମହାନ୍ତି କୁହନ୍ତି, ପୋଲ ନିର୍ମାଣ ଶେଷ କରିବା ପାଇଁ ବହୁବର୍ଷ ବିତିଗଲା। ସେଥିପାଇଁ ଠିକା ସଂସ୍ଥାକୁ ଯଥାଶୀଘ୍ର କାମ ଶେଷ କରିବା ପାଇଁ ବିଭିନ୍ନ ଆଡୁ ଚାପ ପଡୁଥିଲା। ଏଣୁ ତରବରିଆ ଭାବେ ଆପ୍ରୋଚ୍ ରୋଡ୍ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ଠିକା ସଂସ୍ଥାର ସମସ୍ତ ବିଲ୍ ପଇଠ କରାଯାଇ ନାହିଁ। ଏହି ଆପ୍ରୋଚ୍ ରୋଡ୍ ପୁନଃ ନିର୍ମାଣ କରିବା ପରେ ହିଁ ବିଲ୍ କରାଯିବ ବୋଲି ଉକ୍ତ ସଂସ୍ଥାକୁ ଚିଠି କରାଯାଇଛି।

## ତିନି ଜଣ ଶିକ୍ଷକରେ ଚାଲିଛି ବିଦ୍ୟାଳୟ



ନର୍ଲା (ମହାଭାରତ)କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧିନସ୍ତ ଅସୁରଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଓ ଶିଶୁବାଟିକା କୁ ମିଶାଇ ମୋଟ ୧୩୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏହି ସ୍କୁଲ ରେ ମାତ୍ର ତିନିଜଣ ଶିକ୍ଷକ ଥିବାରୁ ଶିକ୍ଷ୍ୟା ଦାନରେ ବ୍ୟାପକ ଦୁରାବସ୍ଥା ଦେଖିବାକୁ ମିଳିଛି ଏ ନେଇ ଶିକ୍ଷା ପରିଚାଳନା କମିଟି ସ୍ଥାନୀୟ ବିଧାୟକ ଓ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ଅଭିଯୋଗ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ବ୍ଲକ ଶିକ୍ଷା ଅଧିକାରୀ ତୁରନ୍ତ ଏହି ସ୍କୁଲ କୁ ଶିକ୍ଷକ ପ୍ରଦାନ ନ ଦେଲେ ସମସ୍ତ ଅଭିଭାବକ ପିଲାଙ୍କୁ ସ୍କୁଲ କୁ ପାଠ ପଢ଼ିବା ପାଇଁ ଛାଡ଼ିବୁ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ।ନର୍ଲା ବ୍ଲକ ର ଅନେକ ସ୍କୁଲରେ ଛାତ୍ର ଛାତ୍ରୀ ସଂଖ୍ୟା ଅନୁଯାଇ ଶିକ୍ଷକ ଅଧିକ ଥିବାବେଳେ ଏହି ବିଦ୍ୟାଳୟ ପାଇଁ ଶିକ୍ଷକ ଟିଏ ନିଯୁକ୍ତି ଦାବୀ ନେଇ ଅଭିଭାବକ ମାନଙ୍କୁ ଆନ୍ଦୋଳନ ଓ ଧାରଣା ରେ ଓହ୍ଲାଇବାକୁ ପଡୁଛି ବୋଲି ଶିକ୍ଷା ପରିଚାଳନା କମିଟି ଅଭିଯୋଗ କରିଛନ୍ତି । ଏଥିପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟି କୁ ଦାୟି କରିଛନ୍ତି କାରଣ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ଅନ୍ୟତ୍ର ବଦଳି ହୋଇ ଥିଲେ ବି ଗାଦି ଛାଡୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି ।ଏଣୁ ଏହି ବିଦ୍ୟାଳୟ ପ୍ରତି ଜିଲ୍ଲା ପାଳ ତୁରନ୍ତ ଦୃଷ୍ଟି ଦେଇ ଛାତ୍ର ସଂଖ୍ୟା ଅନୁଯାଇ ଅଧିକ ଶିକ୍ଷକ ଥିବା ସ୍କୁଲ ରୁ ଶିକ୍ଷକ ମାନଙ୍କୁ ନିଆଯାଇ ଶିକ୍ଷକ ନିଅଣ୍ଟ ଭରଣା କରିବା ପାଇଁ ଦାବି ହୋଇଛି ।

### ରାଇଘର ବ୍ଲକରେ ଚାଷୀଙ୍କ ମୁଣ୍ଡରେ ବଢୁଛି ଚିନ୍ତା

# ବର୍ଷା ଅଭାବରେ ଉଜୁଡ଼ିବାକୁ ବସିଛି ଚାଷ

ରାଇଘର, ନବରଙ୍ଗପୁର(ମହାଭାରତ):ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ବର୍ଷା ଅଭାବ ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଦେଖାଦେଇଛି। ଏହି ଅଞ୍ଚଳର ଅଧିକାଂଶ ଚାଷୀ ସମ୍ପୂର୍ଣ୍ଣ ଭାବେ ବର୍ଷା ଉପରେ ନିର୍ଭର କରି କୃଷି କରନ୍ତି। କିନ୍ତୁ ଚଳିତ ବର୍ଷ ଆଶାନୁରୂପ ବର୍ଷା ନ ହେବାରୁ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜମି ପ୍ରସ୍ତୁତ କରି ହଳ ଚଳାଇ ସାରିଥିବା ଚାଷୀମାନେ ଏବେ ଆକାଶକୁ ଚାହିଁ ବର୍ଷାର ଅପେକ୍ଷାରେ ଦିନ କାଟୁଛନ୍ତି ।ଖରିଫ ଋତୁ ଚାଷୀଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ଧାନ ଚାଷ ଠିକ୍ ଭାବରେ ନ ହେଲେ ସାରା ବର୍ଷର ଆର୍ଥିକ ସ୍ଥିତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ। କିନ୍ତୁ ଏବର୍ଷ ପ୍ରକୃତିର ଅନିଶ୍ଚିତ ବ୍ୟବହାର ଚାଷୀଙ୍କ ଆଶାକୁ ମଉଳିଦେଇଛି ।ଅନେକ ଚାଷୀ ଧାନ ତଳି ପ୍ରସ୍ତୁତ କରିଥିଲେ ମଧ୍ୟ ବର୍ଷା ନ ହେବାରୁ ତଳି ଶୁଖିଯିବାକୁ ବସିଛି। କେତେକ ସ୍ଥାନରେ ଜମିରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ଯେଉଁ ଜମି କିଛିଦିନ ପୂର୍ବରୁ ସବୁଜ ଦେଖାଯାଉଥିଲା, ସେଠାରେ ଏବେ ଶୁଖିଲା ମାଟି ଓ ଝାଉଁଳି ପଡ଼ିଥିବା ଧାନ ଗଛ ଚାଷୀଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଉଛି ।କିଛି ଚାଷୀ ନିଜ ପରିଶ୍ରମ ଓ ଫସଲକୁ ବଞ୍ଚାଇବା ପାଇଁ ଦୂରସ୍ଥ ଜଳାଶୟ, ପୋଖରୀ କିମ୍ବା ନାଳରୁ ପାଣି ଆଣି ସକାଳ ଓ ସନ୍ଧ୍ୟାରେ ତଳିରେ ପକାଉଛନ୍ତି। ଭାରରେ ପାଣି ବୋହି ଆଣି ଚାଷକୁ ବଞ୍ଚାଇବାର ଏହି ପ୍ରୟାସ ସେମାନଙ୍କ ଅସହାୟତା ଓ ସଂଘର୍ଷର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି। ତେବେ ଏଭଳି ପଦକ୍ଷେପ



ସବୁ ଚାଷୀଙ୍କ ପାଇଁ ସମ୍ଭବ ହେଉନାହିଁ ।ସ୍ଥାନୀୟ ଚାଷୀମାନଙ୍କ ଅଭିଯୋଗ ଯେ, ରାଇଘର ବ୍ଲକର ଅନେକ କୃଷି ଅଞ୍ଚଳରେ ସ୍ଥାୟୀ ଜଳସେଚନ ବ୍ୟବସ୍ଥାର ଅଭାବ ରହିଛି। ବର୍ଷା ବିଫଳ ହେଲେ ଚାଷୀଙ୍କ ପାଖରେ ବିକଳ୍ପ ବ୍ୟବସ୍ଥା ପ୍ରାୟ ନାହିଁ। ଫଳରେ ପ୍ରତିବର୍ଷ ପ୍ରକୃତିର ଦୟା ଉପରେ ନିର୍ଭର କରିବାକୁ ପଡୁଛି ।ଚାଷୀମାନେ କହୁଛନ୍ତି ଯେ, ବିହନ, ସାର, କୀଟନାଶକ ଓ ଜମି ପ୍ରସ୍ତୁତିରେ ସେମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ଯଦି ଆଗାମୀ କିଛି ଦିନ ମଧ୍ୟରେ ପର୍ଯ୍ୟାପ୍ତ ବର୍ଷା ନ ହୁଏ, ତେବେ ସମସ୍ତ ପରିଶ୍ରମ ଓ ପୁଞ୍ଜି ବ୍ୟର୍ଥ ହେବାର ଆଶଙ୍କା ରହିଛି ।ଏଥିସହିତ ଋଣ କରି ଚାଷ କରିଥିବା ଚାଷୀମାନେ ଆହୁରି ବଡ଼ ଆର୍ଥିକ ସଙ୍କଟରେ ପଡ଼ି ପାରନ୍ତି ।ଏଭଳି ପରିସ୍ଥିତିରେ ଚାଷୀମାନେ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ଯେ, ରାଇଘର ବ୍ଲକରେ ତୁରନ୍ତ ଜଳସେଚନ ବ୍ୟବସ୍ଥାର ସମୀକ୍ଷା କରାଯାଉ ।ଯେଉଁଠାରେ ସମ୍ଭବ ସେଠାରେ ଲିଫ୍ଟ ଇରିଗେସନ, ଗଭୀର ନଳକୂପ ଓ ଅନ୍ୟାନ୍ୟ ଜଳସେଚନ ସୁବିଧା ଯୋଗାଇ ଦିଆଯାଉ। ଏଥିସହିତ କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପ୍ରକୃତ ସ୍ଥିତିର ଆକଳନ କରି ଆବଶ୍ୟକ ସହାୟତା ଯୋଗାଇବାକୁ ମଧ୍ୟ ଦାବି ହୋଇଛି ।ରାଇଘର ବ୍ଲକର କୃଷି ଆଜି ଏକ କଠିନ ସମୟ ଦେଇ ଗତି କରୁଛି। ଗୋଟିଏ ପଟେ ବର୍ଷାର ଅଭାବ, ଅନ୍ୟପଟେ ଜଳସେଚନ ସୁବିଧାର ଅନୁପସ୍ଥିତି ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି ।ୟ ଆଜି ରାଇଘରର ଚାଷୀଙ୍କ ଆଖି କେବଳ ଆକାଶ ଆଡ଼କୁ। ସେମାନଙ୍କର ଏକମାତ୍ର।

## ନୂଆପଡ଼ାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ



ନୂଆପଡ଼ା,: ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଅବସରରେ ନୂଆପଡ଼ା ସଦରମହକୁମାସ୍ଥିତ ସଦ୍ଭାବନା ସଭାଗୃହଠାରେ ଜିଲ୍ଲା ସଂସ୍କୃତି ପରିଷଦ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳମଣିଙ୍କ ଜୀବନାଦର୍ଶ ଓ ଲୋକସେବା ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପ୍ରକୃତ ସାମ୍ବାଦିକମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇ ସମାଜର ବାସ୍ତବ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ପ୍ରଶାସନକୁ ସକାରାତ୍ମକ ସହଯୋଗ କରିଥାନ୍ତି।

## ଗଞ୍ଜାମ ପୋଲିସ ଜିଲ୍ଲାର ଅପରାଧ ସମୀକ୍ଷା ବୈଠକ



ଛତ୍ରପୁର,:ଛତ୍ରପୁର ସ୍ଥିତ ଗଞ୍ଜାମ ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ପୋଲିସ ଜିଲ୍ଲାର ଅପରାଧ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ଏସପି ହରିଶ ବିସି ଅଧ୍ୟକ୍ଷତା କରି ଥାନା ୱାରୀ ସମୀକ୍ଷା କରିବା ସହିତ ପୁରୁଣା ୱାରେଣ୍ଟି ଓ ବେଅଇଇନ ଧରପଗଡ ଉପରେ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁରୁଣା ମାମଲା ଗୁଡିକର ତଦନ୍ତ ପ୍ରକ୍ରିୟା ଶେଷ କରି ତୁରନ୍ତ ଫଇସଲା କରିବା ଦିଗରେ ଏସପି ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସାଇବର ଠକେଇ ଉପରେ ଗୁରୁତ୍ୱ ଦେବା ସହ ମୁଦୁଲା ମାନଙ୍କୁ ଗିରଫ୍ କରିବା ନିମନ୍ତେ କୁହାଯାଇଛି । ତ୍ରିପଲ ରାଇଡିଂ, ଡ୍ରଙ୍କନ ଡ୍ରାଇଭିଂ ଉପରେ ଚଢାଉ କରିବା ସହିତ ବାଲି, ମୋରମ, ପଥର ସହିତ ବେଆଇନ କାରାବାର ଓ ଚୋରା ଚାଲାଣ ଉପରେ କଡା ନଜର ରଖିବାକୁ କୁହାଯାଇଛି । ଜେଲ ଫେରନ୍ତା ଓ ବିଭିନ୍ନ ଅପରାଧରେ ଜଡିତ ଥାଇ ବେଲରେ ଆସିଥିବା ଅପରାଧିଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ କୁହାଯାଇଛି । ଚୋରୀ, ଡକାୟତି ଭଳି ପେଣ୍ଡିଙ୍ଗ ଥିବା ମାମଲା ଗୁଡିକର ଜଡିତ ଅପରାଧିଙ୍କୁ ଖୋଜି ବାହାର କରି ଗିରଫ କରିବାକୁ କୁହାଯାଇଛି । ଥାନାକୁ ଆସୁଥିବା ଲୋକଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ କରିବାକୁ ସମସ୍ତଙ୍କୁ କୁହାଯାଇଛି । ଏହି ବୈଠକରେ ଗଞ୍ଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସପି ଚିନ୍ମୟ କୁମାର ନାୟକ, ପ୍ରଶାନ୍ତ କୁମାର ଦାସ, ରବିକାନ୍ତ ସୁନା ଓ ରଞ୍ଜନ କୁମାର ଦେ, ଡିଏସପି କଳ୍ପନା କାଉଁରୀ, ଆସିକା ଏସଡିପିଓ, ଭଞ୍ଜନଗର ଓ ଛତ୍ରପୁର ଏସଡିପିଓଙ୍କ ସମେତ ସମସ୍ତ ଥାନାଧିକାରୀ ମାନେ ଉପସ୍ଥିତ ଥିଲେ ।

## ସାପ କାମୁଡାରେ ନାବାଳିକାଙ୍କ ମୃତ

ପାରଳାଖେମୁଣ୍ଡି,:

ଗଜପତି ଜିଲ୍ଲା ରାୟଗଡ ବ୍ଲକ ତଥା ରାୟଗଡ ଥାନା ଅନ୍ତର୍ଗତ ଚମ୍ପାପୁର ଗ୍ରାମର ଟୁନି ଶବର ନାବାଳିକା ୧୧ ବର୍ଷର ଝିଅ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଗତକାଲି ରାତି ପ୍ରାୟ ୧୨ ଟା ବେଳେ ଝିଅଟି ଶୋଇଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲା। ଏହାକୁ ଦେଖୁ ଝିଅଟିର ପରିବାର ଲୋକେ ତାଙ୍କୁ ରାୟଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡ଼ାକ୍ତର ପ୍ରାଥମିକ ଚିକିତ୍ସା କରିଥିଲେ। ହେଲେ ଝିଅଟିର ଅବସ୍ଥା ସଙ୍କଟାପୁର୍ଣ୍ଣ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାରଳାଖେମୁଣ୍ଡିକୁ ରେଫର କରାଯାଇଥିଲା ।କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ଅଧା ରାସ୍ତାରେ ଝିଅଟିର ମୃତ ଘଟିଥିଲା। ଉକ୍ତ ନାବାଳିକାର ଶବକୁ ରାୟଗଡ଼ ଥାନା ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିବା ସୁଚନା ମିଳିଛି।

## ପାରଳାରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ, ଦୁର୍ଘଟଣାରୁ ରକ୍ଷା ପାଇଲେ ଶତାଧିକ ଛାତ୍ରଛାତ୍ରୀ

ପାରଳାଖେମୁଣ୍ଡି,:ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରର ରାଜଦାଣ୍ଡରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ ସତ୍ୟ ସାଇ ବିଦ୍ୟାବିହାରରେ ଆଜି ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣାରେ କୌଣସି ଛାତ୍ରଛାତ୍ରୀ କିମ୍ବା କର୍ମଚାରୀ ଆହତ ହୋଇନଥିବା ସୂଚନା ମିଳିଛି ।ସୂଚନା ଅନୁଯାୟୀ, ସକାଳେ ବିଦ୍ୟାଳୟ ଖୋଲିବା ପରେ ପ୍ରାର୍ଥନା ସାରି ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହକୁ ଯାଉଥିବା ବେଳେ ହଠାତ ବିଦ୍ୟାଳୟର କମ୍ପ୍ୟୁଟର ରୁମ୍ରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ପରିସ୍ଥିତିକୁ ଅନୁଭବ କରି ଶିକ୍ଷକମାନେ ତୁରନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ସ୍ଥାନାନ୍ତର କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ପହଞ୍ଚି ନିଆଁକୁ ସଫଳତାର ସହ ଆୟ□ କରିଥିଲେ। ପ୍ରାଥମିକ ତଦନ୍ତରୁ କମ୍ପ୍ୟୁଟର ରୁମ୍ରେ ବିଦ୍ୟୁତ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ବୁଲା କୁକୁର ଆକ୍ରମଣରେ ଚାରି ଆହତ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଟେଣ୍ଡରା ପଂଚାୟତ ଖୋଲାରୀପାଟ ନୂଆଗାଁ ଓ ଟେଣ୍ଡରା ରେ କୁକୁର ଆତଙ୍କ ଦେଖିବାକୁ ମିଳିଛି। ଦୁଇ ଗ୍ରାମ ରୁ ଚାରି ଜଣ ଙ୍କୁ କୁକୁର ଆକ୍ରମଣ କରି ଆହତ କରିଛି। ଆକ୍ରମଣ ରେ ଆହତ ମାନେ ଟେଣ୍ଡରା ଗ୍ରାମ ର ବୈଦେହୀ ମହାକୁଡ ଙ୍କୁ ହାତ,ଗୋଡ ଓ ଗୁରୁଚରଣ ମୁଦି ଙ୍କୁ ଅଣ୍ଟା ରେ ଆକ୍ରମଣ କରିଥିବା ବେଳେ ଖୋଲାରୀପାଟ ନୂଆଗାଁ ଗ୍ରାମ ର ସୁବାସିନୀ ଦେହୁରୀ ଙ୍କୁ ଡାହାଣ ହାତ,ଗୋଡ ରେ ଗୌରାଙ୍ଗ ଲୋହାର ଙ୍କୁ ଗୋଡ ରେ ଆକ୍ରମଣ କରି ଆହତ କରିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ। କୁକୁର ଆକ୍ରମଣ ରେ ଆହତ ଚାରି ଜଣ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ସୁସ୍ଥ ଥିବା ଜଣାପଡ଼ି ଛି।

## ବିଶ୍ୱ ଜନସଂଖ୍ୟା ଦିବସ ପାଳନ



ରାଉରକେଲା,:ଏନ୍ଆଇଟି ସ୍ଥିତ ଦି ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ୍ ଇଣ୍ଡିଆ ତରଫରୁ କ୍ରସରୋଡରେ ଜନସଂଖ୍ୟା ପରିଚାଳନା ଶୀର୍ଷକ ଉପରେ ଅନଲାଇନ୍ ଏବଂ ଅଫଲାଇନ୍ ଉଭୟ ହାଇବ୍ରିଡ୍ ମୋଡରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବକ୍ତା ଥିଲେ ଏନ୍ଆଇଏସ୍ଏମ୍ (ସେବି) ସାର୍ଟିଫାଏଡ୍ ନିବେଶ ପରାମର୍ଶଦାତା ଏବଂ ସ୍ତମ୍ଭକାର ଇଞ୍ଜିନିୟର ନଳିନୀ କାନ୍ତ ଧର। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅବୈତନିକ ସଚିବ ଇଞ୍ଜିନିୟର ହିମାଂଶୁ ଶତପଥୀ। ସଭାର ଅଧ୍ୟକ୍ଷ ଇଞ୍ଜିନିୟର ଦୀପ୍ତଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତା ସହ ସ୍ୱାଗତ ଭାଷଣ ଦେଇଥିଲେ ।ତାଙ୍କ ଭାଷଣରେ ସେ ଗୁରୁତ୍ୱାରୋପ କରିଥିଲେ ଯେ ଜନସଂଖ୍ୟା ପରିଚାଳନା ଆମ ସମୟର ଏକ ନିର୍ଣ୍ଣାୟକ ଚ୍ୟାଲେଞ୍ଜ, ଯାହାର ଅର୍ଥନୈତିକ ବିକାଶ, ପରିବେଶଗତ ସ୍ଥିରତା, ସ୍ୱାସ୍ଥ୍ୟସେବା, ଶିକ୍ଷା, ସହରାଞ୍ଚଳ ଯୋଜନା, ନିଯୁକ୍ତି ଏବଂ ଜୀବନର ସାମଗ୍ରିକ ଗୁଣବତ୍ତା ପାଇଁ ସୁଦୂରପ୍ରସାରୀ ପ୍ରଭାବ ପକାଇଥାଏ। ଦେଶଗୁଡ଼ିକ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ କରୁଥିବାରୁ, ଜନସଂଖ୍ୟା ବୃଦ୍ଧି ଏବଂ ସମ୍ବଳର ଉପଲବ୍ଧତା ମଧ୍ୟରେ ସନ୍ତୁଳନ ହାସଲ କରିବା ଏକ ଗୁରୁତ୍ୱପୂର୍ଣ୍ଣ ନୀତି ପ୍ରାଥମିକତା ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଚ୍ୟାଲେଞ୍ଜ ପାଲଟିଛି । ବିଷୟ ବିଶେଷଜ୍ଞ ଇଂ. ଧର ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ ଯେ ଜନସଂଖ୍ୟା ପରିଚାଳନା ହେଉଛି ଏକବିଂଶ ଶତାବ୍ଦୀରେ ସରକାର ଏବଂ ସମାଜର ସାମ୍ନା କରୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ। ଜନସଂଖ୍ୟା ବୃଦ୍ଧି ସୁଯୋଗ ଏବଂ ଚ୍ୟାଲେଞ୍ଜ ଉଭୟ ଉପସ୍ଥାପନ କରେ, ସମାନ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଏକ ରାଷ୍ଟ୍ର ଉପରେ ଏହାର ପ୍ରଭାବ ଶେଷରେ ନିର୍ଭର କରେ ଯେ ଏହାକୁ ଦୃଢ଼ ନୀତି, ସଂସ୍ଥାଗତ କ୍ଷମତା ଏବଂ ମାନବ ବିକାଶରେ ନିବେଶ ମାଧ୍ୟମରେ କେତେ ପ୍ରଭାବଶାଳୀ ଭାବରେ ପରିଚାଳନା କରାଯାଏ।

## ପୋଡାଖୁଟ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ



ନୂଆପଡ଼ା,:

ନୂଆପଡ଼ା ଜିଲ୍ଲା, ବୋଡ଼େନ ବ୍ଲକ ଖଇରା ପଞ୍ଚାୟତ ଅମେରା, ପୋଡାଖୁଟରେ ମୌଳିକ ସୁବିଧା ଅପହଞ୍ଚ ହୋଇପଡିଛି। ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଗାଁ ଆଜି ମଧ୍ୟ ବିକାଶ ଠାରୁ ବହୁ ଦୂରରେ ଓ ସରକାର ବିକାଶର ଧାରା ଓଡ଼ିଶା ସାରା ନରା ଦେଉଛନ୍ତି। କିନ୍ତୁ ପୋଡାଖୁଟ ଗ୍ରାମରେ ବିକାଶ ଠପ୍ ହୋଇପଡ଼ିଛି, ପୋଡାଖୁଟ ପଡ଼ାରେ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ୍ ବସିଲା କିନ୍ତୁ ସେଥିରେ ପାଣି ବାହାରୁ ନାହିଁ। ଗ୍ରାମର ଦୁଇଟି ନଳକୂପ ମଧ ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି ଫଳରେ ଶତାଧିକ ମହିଳା ଓ ଶିଶୁମାନେ ଦୁଇ କିଲୋମିଟର ଦୂରରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି। କେବଳ ପାଣି ସମସ୍ୟା ନୁହେଁ ଗ୍ରାମକୁ ଯିବା ପାଇଁ ଭଲ ରାସ୍ତାନ ଥିବାରୁ ବର୍ଷାଦିନେ ଯାତାୟାତ କଷ୍ଟସାଧ୍ୟ ହୋଇପଡୁଛି ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ପରିତାପର ବିଷୟ ହେଉଛି ବ୍ଲକ କାର୍ଯ୍ୟାଳୟ ଠାରୁ ଏତେ ନିକଟରେ ଥିବା ସତ୍ତ୍ୱେ□ ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ କାହିଁକି ନିର୍ବାଚନ ସମୟରେ ନେତାମାନଙ୍କ ଭିଡ଼ ଲାଗିଥାଏ ଓ ମିଠା ମିଠା ପ୍ରତିଶ୍ରୁତି ମଧ ଦେଇଥାନ୍ତି ହେଲେ ଭୋଟ ସରିଗଲେ କେହି ଆଉ ଗାଁକୁ ପାଦ ମାଡନ୍ତି ନାହାନ୍ତି। ନେତା କଥା ଛାଡ଼ ସମସ୍ୟା ସମାଧାନ ପାଇଁ କୌଣସି ଅଫିସର ମଧ୍ୟ ଗାଁକୁ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ପାନୀୟ ଜଳ ସମସ୍ୟାର ସମାଧାନ, ଅଚଳ ନଳକୂପର ମରାମତି, ବିଦ୍ୟୁ ସମସ୍ୟା ଏବଂ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ



ରାଉରକେଲା,: ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ, ଓଡ଼ିଶାର ଜାତୀୟ ଚେତନାର ମୂର୍ତ୍ତିମନ୍ତ ପ୍ରତୀକ ଏବଂ ମାନବିକତାର ଅନନ୍ୟ ଦିଗଦର୍ଶକ । ତାଙ୍କର ସମଗ୍ର ଜୀବନ ତ୍ୟାଗ, ସେବା ଓ ନିଷ୍ଠାର ଏକ ଜ୍ୱଳନ୍ତ ଉଦାହରଣ । ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୭.୩୦ମି. ରେ ସଦସ୍ୟ ମାନେ ପାଠାଗାର ସମ୍ମୁଖରେ ସ୍ଥାପିତ ପ୍ରତିମୂର୍ତ୍ତି ନିକଟରେ ସମବେତ ହୋଇଥିଲେ । ବରିଷ୍ଠ ସଦସ୍ୟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶାନ୍ତି ପାଠ ସହ ସଦସ୍ୟ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଡାକ୍ତର ଗୋକୁଳାନନ୍ଦ ସାହୁ, ସବିତା ସାହୁ, ସୁବାସ ଚନ୍ଦ୍ର ମହାପାତ୍ର,ଡ ଶକ୍ତି ପ୍ରସାଦ ସାମନ୍ତରାୟ, ଶଙ୍କର ପ୍ରସାଦ ତ୍ରିପାଠୀ, ରାଜୀବ ପାଣି, ଦିବାକର ପାଣିଗ୍ରାହୀ, ନୃସିଂହ ଚରଣ ବିଶ୍ୱାଳ ଏବଂ ରବି ନାରାୟଣ ସିଂହ ପ୍ରଭୃତି ସଦସ୍ୟ ମାନେ ପୁଷ୍ପାଞ୍ଜଳି ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ପରେ ପରେ ଛେଣ୍ଡ କଲୋନୀ ମଧ୍ୟ ସ୍ଥଳ- ଗୋପବନ୍ଧୁ ଛକରେ ସ୍ଥାପିତ ପ୍ରତିମୂର୍ତ୍ତିରେ ସଦସ୍ୟ ମାନେ ମାଲ୍ୟାର୍ପଣ କରିଥିଲେ।

## ଶିକ୍ଷକ ଅଭାବ, ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ଛାତ୍ରୀଛାତ୍ର

ଗଞ୍ଜାମ:ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ର ମଧୁରଚୁଆ ସ୍କୁଲରେ ଶିକ୍ଷକ ଅଭାବ କୁ ନେଇ ଉତେଜନା ପ୍ରକାଶ ପାଇଛି । ସ୍କୁଲ ଗେଟ ତାଲା ପକାଇଲେ ଛାତ୍ର ଛାତ୍ରୀ ଓ ଅଭିଭାବକ ଧାରଣ ବସିଥିବା ଦେଖିବାକୁ ମିଳିଛି । ଫଳରେ ସ୍କୁଲ ରେ ମଙ୍ଗଳ ବାର ଦିନ ପାଠ ପଢା ବନ୍ଦ ସହ ପିଲାମାନେ ଦୀର୍ଘ ସମୟ ଧରି ସ୍କୁଲ ବାହାରେ ବସିଥିବା ଜଣାପଡୁଛି । ସୂଚନା ଯୋଗ୍ୟ ଜେ ଦୀର୍ଘ ଦିନ ଧରି ଏହି ସ୍କୁଲରେ ୧୯୬



ରୁ ଅଧିକ ଛାତ୍ର ଛାତ୍ରୀ ରହିଥିବା ବେଳେ ମାତ୍ର ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି । ଫଳରେ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାରେ ବାଧା ପ୍ରାପ୍ତ ହେଉଛି । ଏନେଇ ବାରମ୍ବାର ଅଭିଯୋଗ କରିଲେ ମଧ କୌଣସି ପଦକ୍ଷେପ ନିଆଗଲା ନାହିଁ । ଫଳରେ ମଙ୍ଗଳବାର ସେଥିପାଇଁ ସକାଳ ୧୦ ରୁ ସ୍କୁଲ ଆଗରେ ଗେଟରେ ତାଲା ପକାଇ ଧାରଣା ଦେଇଛନ୍ତି ଅଭିଭାବକ ଓ ଛାତ୍ରୀ ଛାତ୍ରୀ । ଆଗାମୀ ଦିନରେ ଯଦି ସ୍କୁଲକୁ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରା ନଯାଏ ତାହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ମିଳିଛି । ଏନେଇ ବ୍ଲକ ଶିକ୍ଷା ଅଧିକାରୀ ସରୋଜ ସାହୁ ଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଉକ୍ତ ସ୍କୁଲ ର ପ୍ରଧାନ ଶିକ୍ଷକ ସହ ଆଲୋଚନା ହୋଇଛି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ମୌସୁମୀ ବର୍ଷା ଦୁର୍ବଳ, ଦେଶର ଜଳଭଣ୍ଡାର ଶୁଖିଲା
# କ୍ଷମତାର ମାତ୍ର ୩୨.୩୮ ପ୍ରତିଶତ ପାଣି ଅଛି

ନୂଆଦିଲ୍ଲୀ: ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ସମଗ୍ର ଦେଶରେ ପହଞ୍ଚି ସାରିଥିଲେ ମଧ୍ୟ ଅନେକ ଅଞ୍ଚଳରେ ବର୍ଷାର ପରିମାଣ କମ୍ ରହିବାରୁ ଦେଶର ବଡ଼ ବଡ଼ ଜଳଭଣ୍ଡାରରେ ପାଣି ଆଶାନୁରୂପ ବଢ଼ିନାହିଁ। କେନ୍ଦ୍ରୀୟ ଜଳ ଆୟୋଗର ସଦ୍ୟତମ ତଥ୍ୟ ଅନୁସାରେ, ଦେଶର ୧୫୫ଟି ପ୍ରମୁଖ ଜଳଭଣ୍ଡାରରେ ବର୍ତ୍ତମାନ ମୋଟ ସଂରକ୍ଷଣ କ୍ଷମତାର ମାତ୍ର ୩୨.୩୮ ପ୍ରତିଶତ ପାଣି ରହିଛି। ଅର୍ଥାତ୍ ପ୍ରାୟ ୬୮ ପ୍ରତିଶତ ଅଂଶ ଏବେ ବି ଖାଲି ପଡ଼ିଛି।



କେନ୍ଦ୍ରୀୟ ଜଳ ଆୟୋଗ କହିଛି, ଏହି ୧୫୫ଟି ଜଳଭଣ୍ଡାରର ମୋଟ ସଂରକ୍ଷଣ କ୍ଷମତା ପ୍ରାୟ ୧୮୧.୭୪ ବିଲିୟନ୍ ଘନ ମିଟର। ସେଥିରୁ ବର୍ତ୍ତମାନ ପ୍ରାୟ ୫୮.୮୫ ବିଲିୟନ୍ ? ଘନ ମିଟର ପାଣି ରହିଛି। ବର୍ଷା ଋତୁର ମଝିଭାଗରେ ଜଳଭଣ୍ଡାରଗୁଡ଼ିକରେ ଏହି ପରିମାଣର ଜଳ ଚିନ୍ତାର ବିଷୟ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତଥ୍ୟ ଅନୁସାରେ, ଉତ୍ତର, ମଧ୍ୟ ଓ ପଶ୍ଚିମ ଭାରତର ଅନେକ ଅଞ୍ଚଳରେ ସାଧାରଣଠାରୁ କମ୍ ବର୍ଷା ହୋଇଛି। ଏହାର ପ୍ରଭାବରେ ନଦୀଗୁଡ଼ିକରେ ଜଳପ୍ରବାହ କମ୍ ରହିଥିବାରୁ ଜଳଭଣ୍ଡାରକୁ ପାଣିର ଆଗମନ ମଧ୍ୟ କମିଯାଇଛି। କିଛି ଅଞ୍ଚଳରେ ଭଲ ବର୍ଷା ହୋଇଥିଲେ ମଧ୍ୟ ତାହା ଦେଶବ୍ୟାପୀ ଜଳ ସଂରକ୍ଷଣରେ ବଡ଼ ପରିବର୍ତ୍ତନ ଆଣିପାରିନାହିଁ।

ଜଳଭଣ୍ଡାରଗୁଡ଼ିକରେ ସଂରକ୍ଷିତ ପାଣି ପାନୀୟ ଜଳ, ଜଳସେଚନ ଓ ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆଗାମୀ ସପ୍ତାହଗୁଡ଼ିକରେ ଭଲ ବର୍ଷା ନ ହେଲେ ଖରିଫ ଚାଷ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ଉତ୍ପାଦନ ଉପରେ ପ୍ରଭାବ ପଡ଼ିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ କହିଛି, ଜଳଭଣ୍ଡାରଗୁଡ଼ିକର ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ବର୍ଷାର ପରିମାଣ ବଢ଼ିଲେ ଆଗାମୀ ସମୟରେ ଜଳସଂରକ୍ଷଣରେ ସୁଧାର ଆସିପାରେ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଆଗାମୀ କିଛି ଦିନରେ ଦେଶର କେତେକ ଅଞ୍ଚଳରେ ବର୍ଷାର ପରିମାଣ ବଢ଼ିପାରେ। ଏହା ଫଳରେ ଜଳଭଣ୍ଡାରଗୁଡ଼ିକରେ ପାଣିର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତଥାପି ବର୍ତ୍ତମାନର ସ୍ଥିତିକୁ ଦେଖି ଜଳ ସଂରକ୍ଷଣ ଓ ବ୍ୟବହାରକୁ ନେଇ ସତର୍କ ରହିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଗଡ଼କରୀଙ୍କ ବିରୋଧରେ ଆପତ୍ତିଜନକ ଭିଡିଓ : ୪ ସୋସିଆଲ ମିଡିଆ ପ୍ରଭାବକଙ୍କ ବିରୋଧରେ ମାମଲା

ଇ-୨୦ ଇନ୍ଧନକୁ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ବିରୋଧରେ ସୋସିଆଲ ମିଡିଆରେ ଭ୍ରମାତ୍ମକ ଓ ଆପତ୍ତିଜନକ ଭିଡିଓ ପ୍ରସାର କରିବା ଅଭିଯୋଗରେ ୪ ଜଣ ସୋସିଆଲ ମିଡିଆ ପ୍ରଭାବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଏହି ଭିଡିଓଗୁଡ଼ିକରେ ଇ-୨୦ ଇନ୍ଧନ ସମ୍ପର୍କରେ ଭୁଲ ସୂଚନା ପ୍ରଚାର କରାଯିବା ସହ ଗଡ଼କରୀଙ୍କୁ ବ୍ୟକ୍ତିଗତ ଭାବେ ନିଶାଣ କରାଯାଇଥିଲା। ସୂଚନା ଅନୁସାରେ, ଗଡ଼କରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଭିଡିଓଗୁଡ଼ିକ ଯାଞ୍ଚ କରାଯିବା ପରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ପୁଲିସରେ ଅଭିଯୋଗ କରାଯାଇଥିଲା। ଅଭିଯୋଗରେ କୁହାଯାଇଛି ଯେ, ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓଗୁଡ଼ିକରେ ମିଥ୍ୟା ଦାବି କରି ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ସରକାରଙ୍କ ଇଥାନଲ ମିଶ୍ରିତ ଇନ୍ଧନ ନୀତି ସମ୍ପର୍କରେ ଭୁଲ ଧାରଣା ସୃଷ୍ଟି କରାଯାଇଛି। ପୁଲିସ କହିଛି, ପ୍ରାଥମିକ ତଦନ୍ତ ପରେ ୪ ଜଣ ସୋସିଆଲ ମିଡିଆ ପ୍ରଭାବକଙ୍କ ବିରୋଧରେ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ପରିଚୟ ଓ ଭିଡିଓ ପ୍ରସ୍ତୁତିର ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଇ-୨୦ ହେଉଛି ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ପେଟ୍ରୋଲର ମିଶ୍ରଣ। ପେଟ୍ରୋଲ ଉପରେ ନିର୍ଭରଶୀଳତା କମାଇବା, ବିଦେଶରୁ ଅଶୋଧିତ ତୈଳ ଆମଦାନି ହ୍ରାସ କରିବା, ପ୍ରଦୂଷଣ କମାଇବା ଓ ଆଖୁ ଚାଷୀଙ୍କୁ ଲାଭ ପହଞ୍ଚାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏହି ଇନ୍ଧନକୁ ପ୍ରୋତ୍ସାହନ ଦେଉଛନ୍ତି। ଗତ କିଛି ବର୍ଷ ଧରି ନୀତିନ ଗଡ଼କରୀ ଏହି ନୀତିର ପ୍ରମୁଖ ସମର୍ଥକ ରହିଆସିଛନ୍ତି। ଅଭିଯୋଗରେ କୁହାଯାଇଛି ଯେ, ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓଗୁଡ଼ିକରେ ଇ-୨୦ ଇନ୍ଧନ ବ୍ୟବହାର କଲେ ଗାଡ଼ିର ବଡ଼ ଧରଣର କ୍ଷତି ହେବ ବୋଲି ଭିତ୍ତିହୀନ ଦାବି କରାଯାଇଥିଲା। ଏହା ସହ ଗଡ଼କରୀଙ୍କ ବିରୋଧରେ ବ୍ୟକ୍ତିଗତ ଟିପ୍ପଣୀ ମଧ୍ୟ କରାଯାଇଥିଲା। ଏଭଳି ବିଷୟବସ୍ତୁ ସାଧାରଣ ଲୋକଙ୍କ ମଧ୍ୟରେ ଭୁଲ ସନ୍ଦେଶ ପହଞ୍ଚାଉଥିବାରୁ ଆଇନଗତ ପଦକ୍ଷେପ ନିଆଯାଉଛି।

## ପିଓକେରେ ବିଦ୍ରୋହ ଦମନ ପାଇଁ ସେନା ମୁତୟନ

ନୂଆଦିଲ୍ଲୀ: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି। ଗତ କିଛି ସପ୍ତାହ ଧରି ଜାରି ରହିଥିବା ଜନଆନ୍ଦୋଳନ ବୁଧବାର ମହାସଂଗ୍ରାମର ରୂପ ନେଇଛି। ଜଏଣ୍ଟ ଆୱାମୀ ଆକ୍ସନ୍ କମିଟି (ଜେଏଏସି) ପକ୍ଷରୁ ରାୱାଲାକୋଟ୍‌ରୁ ପ୍ରଶାସନିକ କେନ୍ଦ୍ର ମୁଜାଫରାବାଦ ଅଭିମୁଖେ ଆରମ୍ଭ ହୋଇଥିବା ବିଶାଳ 'ଲଙ୍ଗ ମାର୍ଚ୍ଚ'କୁ ରୋକିବା ପାଇଁ ପାକିସ୍ତାନୀ ସୁରକ୍ଷା ବାହିନୀ ବର୍ବରତା ଦେଖାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସେନା ଓ ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ରକ୍ତାକ୍ତ ସଂଘର୍ଷରେ ୧୦ ଜଣ ସାଧାରଣ ନାଗରିକ ଏବଂ ୨ ଜଣ ସୁରକ୍ଷାକର୍ମୀଙ୍କ ସମେତ ମୋଟ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପାକିସ୍ତାନ ସରକାର ସମଗ୍ର ଅଞ୍ଚଳରେ ୪,୦୦୦ରୁ ଅଧିକ ପାକିସ୍ତାନୀ ରେଞ୍ଜର୍ସ, ସୀମାନ୍ତ ବାହିନୀ (ଏଫ୍ ?ସି) ଏବଂ ପୋଲିସ ମୁତୟନ କରିବା ସହ ରାୱାଲାକୋଟ୍ ?ରେ ସମ୍ପୂର୍ଣ୍ଣ ମିଡିଆ ବ୍ଲାକଆଉଟ୍ ଜାରି କରିଛନ୍ତି।

## ଏଣିକି ରାସନ-ପନିପରିବା ଭଳି ୧୦ ମିନିଟରେ ପହଞ୍ଚିବ ଗ୍ୟାସ୍ ସିଲିଣ୍ଡର, ବଡ଼ ଡିଲ୍

ବେଙ୍ଗାଲୁରୁ : ଏଣିକି ଏଲପିଜି ସିଲିଣ୍ଡର ଅର୍ଡର କରି ଆଉ କରିବାକୁ ପଡ଼ିବନି ଅପେକ୍ଷା । ଏଣିକି ଅର୍ଡର କରିବାର ମିନିଟରେ ଘରେ ପହଞ୍ଚିବ ଗ୍ୟାସ ସିଲିଣ୍ଡର । ଘରୋଇ ରାସନ ସାମଗ୍ରୀ ଭଳି ଆପଣ କ୍ୱିକ୍ କମର୍ସ ପ୍ଲାଟଫର୍ମରୁ ଏଲପିଜି ସିଲିଣ୍ଡର ମଧ୍ୟ ମଗାଇ ପାରିବେ । ଇନଷ୍ଟାମାର୍ଟ ସହିତ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ (ଐଚଉଖ) ସହଯୋଗରେ ଦେଶରେ ପ୍ରଥମ ଥର ପାଇଁ ଡିଲ୍ ହୋଇଛି । ଏହି ସେବା ଜରିଆରେ ଗ୍ରାହକମାନେ ଏବେ ଇନଷ୍ଟାମାର୍ଟ ଆପ୍ ମାଧ୍ୟମରେ ଐଚଉଖ ର ନୂଆ ୧୦ କିଲୋଗ୍ରାମ ବିଶିଷ୍ଟ 'ଏଚପି ନବ୍ୟା' କମ୍ପୋଜିଟ୍ ଏଲପିଜି ସିଲିଣ୍ଡର ଅର୍ଡର କରିପାରିବେ । ପ୍ରଥମ ଥର ପାଇଁ ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଯାଉଛି । ଏଠାରେ ଗ୍ରାହକମାନେ ୧୦ କିଲୋଗ୍ରାମର 'ଏଚପି ନବ୍ୟା' ସହିତ ପୂର୍ବରୁ ପ୍ରଚଳିତ ୫ କିଲୋଗ୍ରାମର ମେଟାଲ୍ ସିଲିଣ୍ଡର ମଧ୍ୟ ଅର୍ଡର କରିପାରିବେ । ପ୍ରଥମ ଥର ଅର୍ଡର କରୁଥିବା ଗ୍ରାହକଙ୍କ ପାଇଁ ପରିଚୟ ପତ୍ର ଯାଞ୍ଚ ଏବଂ ପ୍ରୁଫ୍-ଅଫ୍-ଡେଲିଭରି ପ୍ରକ୍ରିୟା ବାଧ୍ୟତାମୂଳକ ରହିବ । ଏହି ସୁବିଧା ପାଇଁ ଗ୍ରାହକଙ୍କ ପାଖରେ ପୂର୍ବରୁ ଘରୋଇ ଏଲପିଜି କନେକ୍ସନ ରହିବା ଅନିବାର୍ଯ୍ୟ ନୁହେଁ । ଫଳରେ ବାହାରେ ରହୁଥିବା ଛାତ୍ରଛାତ୍ରୀ, ବ୍ୟାଚେଲର୍ସ ଏବଂ ଛୋଟ ପରିବାର ଖୁବ୍ ସହଜରେ ଏହାର ଲାଭ ଉଠାଇ ପାଇବେ । ଏହି ସର୍ଭିସ ପ୍ରଥମେ ବେଙ୍ଗାଲୁରୁ ସହରରେ ଆରମ୍ଭ ହେବାକୁ ଯାଉଛି । ଏହି ସିଲିଣ୍ଡରଟି ଓଜନରେ ବହୁତ ହାଲୁକା ଏବଂ ଏଥିରେ କଳଙ୍କି ଲାଗିବାର ଭୟ ନାହିଁ । ବାହାର ଅଂଶ ସ୍ୱଚ୍ଛ ହୋଇଥିବାରୁ ଗ୍ରାହକମାନେ ସହଜରେ ସିଲିଣ୍ଡରରେ ଥିବା ଗ୍ୟାସର ସ୍ତର ଦେଖିପାରିବେ । ଏହାର ଆଧୁନିକ ଡିଜାଇନ୍ ଯୋଗୁଁ ଏହା ଆପାର୍ଟମେଣ୍ଟ, ଛୋଟ ପରିବାର, ଛାତ୍ରଛାତ୍ରୀ, ଚାକିରିଆ ଏବଂ ଅତିରିକ୍ତ ସିଲିଣ୍ଡର ଆବଶ୍ୟକ କରୁଥିବା ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ ।

# ଇଂରାଜୀକୁ ସ୍ୱଦେଶୀ ଭାଷା କୁହାଯାଇପାରିବ କି?
# ସିବିଏସ୍‌ଇର ତିନି-ଭାଷା ନୀତିକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ: ସିବିଏସ୍‌ଇର ତିନି-ଭାଷା ନୀତିକୁ ନେଇ ବୁଧବାର ସୁପ୍ରିମ୍ ?କୋର୍ଟରେ ହୋଇଥିବା ଶୁଣାଣି ସମୟରେ ଇଂରାଜୀ ଭାଷାକୁ ସ୍ୱଦେଶୀ ଭାଷା ଭାବେ ବିବେଚନା କରାଯାଇପାରିବ କି ନାହିଁ ବୋଲି ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଜାତୀୟ ଶିକ୍ଷା ନୀତି ଏବଂ ସିବିଏସ୍‌ଇର ଭାଷା ନୀତିକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଏକ ଆବେଦନର ଶୁଣାଣି ବେଳେ ଏହି ପ୍ରଶ୍ନ ଉଠିଥିଲା।



ଶୁଣାଣି ସମୟରେ ଖଣ୍ଡପୀଠ କହିଛନ୍ତି ଯେ, ତିନି-ଭାଷା ନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ଭାଷାର ପ୍ରସାର ଓ ସୁରକ୍ଷାକୁ ପ୍ରୋତ୍ସାହନ ଦେବା। ଏଭଳି ସ୍ଥିତିରେ ଇଂରାଜୀକୁ ଭାରତର ସ୍ୱଦେଶୀ ଭାଷା ଭାବେ ଗ୍ରହଣ କରାଯାଇପାରିବ କି ନାହିଁ, ତାହା ବିଚାରଯୋଗ୍ୟ ପ୍ରଶ୍ନ ବୋଲି ଅଦାଲତ ମନ୍ତବ୍ୟ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ, କେତେକ ବିଦ୍ୟାଳୟରେ ଇଂରାଜୀକୁ ତୃତୀୟ ଭାଷା ଭାବେ ଗଣନା କରାଯାଉଛି। ଏହା ଫଳରେ ଭାରତୀୟ ଭାଷା ଶିକ୍ଷାର ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେଉଛି। ଏହା ଉପରେ ଅଦାଲତ ପ୍ରଶ୍ନ କରିଥିଲେ ଯେ, ଯଦି ତିନି-ଭାଷା ନୀତି ଭାରତୀୟ ଭାଷାକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରସ୍ତୁତ ହୋଇଛି, ତେବେ ଇଂରାଜୀକୁ ସେହି ଶ୍ରେଣୀରେ କିପରି ରଖାଯାଇପାରିବ ?

ଶୁଣାଣି ବେଳେ ସିବିଏସ୍‌ଇ ପକ୍ଷରୁ କୁହାଯାଇଥିଲା ଯେ, ତିନି-ଭାଷା ନୀତିର କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ରାଜ୍ୟ ଓ ବିଦ୍ୟାଳୟରେ ଭିନ୍ନ ଭିନ୍ନ ବ୍ୟବସ୍ଥା ରହିଛି। ତେଣୁ ଏହି ପ୍ରସଙ୍ଗକୁ ବ୍ୟାପକ ଭାବେ ବିଚାର କରାଯିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ଏହି ବିଷୟରେ ବିସ୍ତୃତ ଜବାବ ଦାଖଲ କରାଯିବ ବୋଲି ଅଦାଲତଙ୍କୁ ଜଣାଯାଇଥିଲା।

ସୁପ୍ରିମ୍‌କୋର୍ଟ କହିଛନ୍ତି, ଏହି ମାମଲା କେବଳ ଗୋଟିଏ ବିଦ୍ୟାଳୟ କିମ୍ବା ଗୋଟିଏ ରାଜ୍ୟ ସହ ଜଡ଼ିତ ନୁହେଁ। ଏହା ଜାତୀୟ ସ୍ତରରେ ଭାଷା ଶିକ୍ଷା ନୀତି ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସେଥିପାଇଁ ତିନି-ଭାଷା ନୀତିର ଉଦ୍ଦେଶ୍ୟ, ତାହାର ପ୍ରୟୋଗ ଓ ଭାରତୀୟ ଭାଷାର ସ୍ଥିତିକୁ ଧ୍ୟାନରେ ରଖି ଏହାର ବିଚାର କରାଯିବ। ଅଦାଲତ ଏହି ମାମଲାରେ ସିବିଏସ୍ ?ଇ ଓ କେନ୍ଦ୍ର ସରକାରଙ୍କୁ ବିସ୍ତୃତ ଜବାବ ଦାଖଲ କରିବାକୁ କହିଛନ୍ତି। ପରବର୍ତ୍ତୀ ଶୁଣାଣିରେ ତିନି-ଭାଷା ନୀତିର ବ୍ୟାଖ୍ୟା, ଇଂରାଜୀର ସ୍ଥାନ ଓ ଭାରତୀୟ ଭାଷାକୁ ପ୍ରୋତ୍ସାହନ ଦେବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ଏସ୍‌ଆଇଆର ଡ୍ୟୁଟିରେ ନିୟୋଜିତ ବିଏଲ୍‌ଓ ପାଇବେ ୬ ହଜାର ଟଙ୍କା

ଭାରତୀୟ ନିର୍ବାଚନ କମିସନ୍ (ଇସିଆଇ) ପଞ୍ଜାବ, ହରିୟାଣା ଏବଂ ଚଣ୍ଡିଗଡ଼ ସମେତ ଅନେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର)ରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀୟ (ବିଏଲ୍‌ଓ) ଏବଂ ବିଏଲ୍‌ଓ ପର୍ଯ୍ୟବେକ୍ଷକଙ୍କ ପାଇଁ ବାର୍ଷିକ ପାରିଶ୍ରମିକ ସହ ଅତିରିକ୍ତ ୬ ହଜାର ଟଙ୍କାର (ୱାନ୍ ଟାଇମ୍ ଅନୋରାରିୟମ୍) ପାରିଶ୍ରମିକ ମଞ୍ଜୁର କରିଛନ୍ତି। ମଙ୍ଗଳବାର ରାତିରେ ଜାରି ହୋଇଥିବା ଏକ ଆଦେଶରେ, ଇସିଆଇ କାର୍ଯ୍ୟର ପରିମାଣ ଏବଂ ପ୍ରକୃତି ଉଲ୍ଲେଖ କରିଛି। ଅଧିକାରୀମାନଙ୍କ ବାର୍ଷିକ ପାରିଶ୍ରମିକ ସହ ଏହି ଅନୋରାରିୟମ୍ ପ୍ରଦାନ କରାଯିବ। ନିର୍ଦ୍ଦେଶରେ କୁହାଯାଇଛି, ' ଏସ୍‌ଆଇଆର କାର୍ଯ୍ୟର ପରିମାଣ ଏବଂ ପ୍ରକୃତିକୁ ବିଚାରକୁ ନେଇ, କମିସନ ଏହି କାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜରଙ୍କୁ ସେମାନଙ୍କ ବାର୍ଷିକ ପାରିଶ୍ରମିକ ସହ ଅଧିକ ୬ ହଜାର ଟଙ୍କାର ସମ୍ମାନରାଶି ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି। ଏହି ସୂଚନା ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଦାଦ୍ରା ଏବଂ ନଗର ହାବେଳୀ ଏବଂ ଡାମନ ଏବଂ ଡିଉ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଦିଲ୍ଲୀ ଏନ୍‌ସିଆର, ଓଡ଼ିଶା, ସିକ୍କିମ, ତେଲେଙ୍ଗାନା, ତ୍ରିପୁରା ଏବଂ ଉତ୍ତରାଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ପଠାଯାଇଛି ବୋଲି ନିର୍ଦ୍ଦେଶରେ କୁହାଯାଇଛି। ଉପରୋକ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏହି କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀମାନେ ଏହି ନିଷ୍ପତ୍ତିରୁ ଲାଭ ପାଇବେ। ନିର୍ବାଚନ କମିସନ୍ ତଥ୍ୟ ଅନୁଯାୟୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମନୋନୀତ ୩.୪୨ ଲକ୍ଷ ବୁଥ୍ ସ୍ତରୀୟ ଏଜେଣ୍ଟଙ୍କ ସମର୍ଥନରେ ପ୍ରାୟ ୩.୯୪ ଲକ୍ଷ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଭୋଟରଙ୍କ ଘରକୁ ଘର ଯାଞ୍ଚ ପାଇଁ ନିୟୋଜିତ କରାଯାଇଛି।

## ନୋଏଡା ମୁମରାରେ ଥିବା ଆବାସିକ ବିଲିଡିଂରେ ଭୟଙ୍କର ଅଗ୍ନିକାଣ୍ଡ, ୨ ମୃତ



ନୋଏଡ଼ା : ନୋଏଡା ମମୁରା ଗାଁରେ ଏକ ବହୁ ମହଲା ବିଲିଡିଂରେ ଭୟଙ୍କର ଅଗ୍ନିକାଣ୍ଡ । ନିଆଁ ଲାଗିବା ବିଲଡିଂ ଭିତରେ ୪୮ ପରିବାରର ଲୋକ ରହୁଥିଲେ । ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଘଟଣାରେ ୨ ଜଣଙ୍କ ଜୀବନ ଚାଲିଯାଇଥିଲା । ଅଗ୍ନିଶମ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଖବର ମୁତାବକ, ଫେଜ-୩ ଥାନା ଅନ୍ତର୍ଗତ ମମୁରାରେ ଏକ ବିଲିଡିଂରେ ରଖାଯାଇଥିବା ଇଲେକ୍ଟ୍ରିକ ବାଇକରେ ନିଆଁ ଲାଗିଯାଇଥିଲା । ସ୍ପାର୍କିଂ ହେବା ଯୋଗୁଁ ନିଆଁ ଚାହୁଁ ଚାହୁଁ ପୁରା ବିଲିଡିଂରେ ଲାଗିଯାଇଥିଲା । ପାର୍କିଂରେ ଲାଗିଥିବା ନିଆଁ ବିଲିଡିଂ ସାରା ବ୍ୟାପିଯାଇଥିଲା । ନିଆଁ ଧୂଆଁ ଦେଖି ବିଲିଡିଂରେ ଥିବା ଲୋକମାନେ ଚିତ୍କାର କରିଥିଲେ । ଭିତରେ ଫସିଥିବା ପରିବାରକୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ଟିମ୍ ପୁରା ଚେଷ୍ଟା କରିଥିଲା । ନୋଏଡା ପୋଲିସ କହିବା ମୁତାବକ, ବିଲିଡିଂ ଜି-୪ ଗ୍ରାଉଣ୍ଡ ଫ୍ଲୋରରେ ଇଲେକ୍ଟ୍ରି ବାଇକ୍ ଚାର୍ଜରେ ବସିଥିଲା । ଏହି ସମୟରେ ସ୍ପାର୍କିଂ ହୋଇ ଆଖପାଖରେ ଥିବା ପେଟ୍ରୋଲ ଗାଡ଼ିରେ ନିଆଁ ଲାଗିଥିଲା । ଖବର ବିଷୟରେ ସୂଚନା ମିଳିବା ପରେ ଫାୟାର ସର୍ଭିସ ୟୁନିଟ୍ ୭ ଫାୟାର ଟେଣ୍ଡର, ହାଇଡ୍ରୋଲିକ୍ ପ୍ଲାଟଫର୍ମ ସ୍ଥାନୀୟ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ପୋଲିସ କହିବା ମୁତାବକ, ଏହି ବିଲିଡିଂରେ ୫୦ ପରିବାର ରହୁଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇଥିଲା ।

# କୁଡ଼ନକୁଲମ ପରମାଣୁ ବିଦ୍ୟୁତ କେନ୍ଦ୍ରର ବ୍ଲୁ-ପ୍ରିଣ୍ଟ୍ ଲିକ, ଡାର୍କ ୱେବ୍‌ରେ ତଥ୍ୟ ସାର୍ବଜନୀନ କଲା ହ୍ୟାକର୍ ଗ୍ରୁପ୍

ବେଙ୍ଗାଲୁରୁ: ଭାରତର ସବୁଠାରୁ ବଡ଼ ପରମାଣୁ ଶକ୍ତି କେନ୍ଦ୍ର ତାମିଲନାଡୁର କୁଡ଼ନକୁଲମ ପରମାଣୁ ବିଦ୍ୟୁତ କେନ୍ଦ୍ର ସହ ଜଡ଼ିତ ଅତି ସମ୍ବେଦନଶୀଳ ତଥ୍ୟ ଲିକ୍ ହୋଇଛି। ଏକ ଅନ୍ତର୍ଜାତୀୟ ରାନସମୱେର୍ (ସାଇବର ଲୁଟେରା) ଗ୍ରୁପ୍ 'ୱାଲର୍ଡ ଲିକ୍ସ' ଏହି ପ୍ଲାଣ୍ଟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଂଶର ବ୍ଲୁ-ପ୍ରିଣ୍ଟ୍ ଏବଂ ଯୋଗାଣକାରୀଙ୍କ ସମ୍ପର୍କିତ ତଥ୍ୟ ଡାର୍କ ୱେବ୍‌ରେ ପ୍ରକାଶ କରିଛି। ଏହି ତଥ୍ୟଗୁଡ଼ିକ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ସହ ଜଡ଼ିତ ଶିଳ୍ପପତି ଅନିଲ୍ ଅମ୍ବାନୀଙ୍କ 'ରିଲାଏନ୍ସ ଗ୍ରୁପ୍'ର ସର୍ଭରରୁ ଚୋରି ହୋଇଥିବା ଦାବି କରାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଦେଶର ମୁଖ୍ୟ ସାଇବର ସୁରକ୍ଷା ସଂସ୍ଥା 'ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସପନ୍ସ ଟିମ୍' (ସିଇଆର୍‌ଟି-ଇନ୍) ଏବଂ ଜାତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ପରମାଣୁ ପ୍ଲାଣ୍ଟର ଅନ୍ୟତମ ଠିକାଦାର ଥିବା ରିଲାଏନ୍ସ ଗ୍ରୁପ୍ ପକ୍ଷରୁ ଏହି ସାଇବର ଆକ୍ରମଣକୁ ସ୍ୱୀକାର କରାଯାଇଛି। ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ପକ୍ଷରୁ କୁହାଯାଇଛି ଯେ ତୃତୀୟ ପକ୍ଷ ଭାରତୀୟ ଡାଟା ସେଣ୍ଟର ସେବା ପ୍ରଦାନକାରୀ ସଂସ୍ଥା 'ୟୋଟା' ଦ୍ୱାରା ପରିଚାଳିତ ଏକ ସର୍ଭରରୁ ଏହି ତଥ୍ୟ ଆଂଶିକ ଭାବେ ଲିକ୍ ହୋଇଛି। ଗତ ମେ ୨୯ ତାରିଖରେ ୟୋଟା ସର୍ଭରରେ ସନ୍ଦେହଜନକ ଗତିବିଧି ଦେଖାଯାଇଥିଲା ଏବଂ ଜୁନ୍ ଶେଷ ସୁଦ୍ଧା ଡାଟା ବ୍ରିଚ୍ ବା ତଥ୍ୟ ଚୋରି ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିଥିଲା। ଏହି ବିଷୟରେ କେନ୍ଦ୍ର ସରକାର ଏବଂ ପରମାଣୁ ଶକ୍ତି ନିଗମକୁ ଅବଗତ କରାଯାଇଛି। ହ୍ୟାକର୍ ଗ୍ରୁପ୍ ପାଖରେ ରିଲାଏନ୍ସର ପ୍ରାୟ ୮ ଲକ୍ଷ ୫୮ ହଜାର ଫାଇଲ୍ ରହିଥିବା ବେଳେ ସେଥିମଧ୍ୟରୁ ସବୁଠାରୁ ଗୁପ୍ତ ୧୯,୦୦୦ ଫାଇଲ୍‌କୁ ଇଣ୍ଟରନେଟ୍‌ରେ ସାର୍ବଜନୀନ କରାଯାଇଛି। ସୌଭାଗ୍ୟବଶତଃ



ପ୍ରକାଶିତ ଦଲିଲଗୁଡ଼ିକ ମଧ୍ୟରେ ପରମାଣୁ ରିଆକ୍ଟରର ମୂଳ ସଞ୍ଚାଳନ ବ୍ୟବସ୍ଥା (କୋର୍ ସିଷ୍ଟମ୍) ସମ୍ପର୍କିତ କୌଣସି ତଥ୍ୟ ନାହିଁ, ଯାହାକୁ ରୁଷର ସରକାରୀ ସଂସ୍ଥା 'ରୋସାଟମ' ଯୋଗାଇ ଦେଇଛି। କିନ୍ତୁ ଲିକ୍ ହୋଇଥିବା କାଗଜପତ୍ର ମଧ୍ୟରେ କୁଡ଼ନକୁଲମ ପ୍ଲାଣ୍ଟର ନିର୍ମାଣାଧୀନ ୟୁନିଟ୍-୩ ଏବଂ ୟୁନିଟ୍-୪ର ଭେଣ୍ଟିଲେସନ୍ ଏବଂ କୁଲିଂ (ଶୀତଳୀକରଣ) ବ୍ୟବସ୍ଥାର ବ୍ଲୁ-ପ୍ରିଣ୍ଟ୍ ରହିଛି। ଏହା ସହିତ ଏକ କମନ୍ କଣ୍ଟ୍ରୋଲ୍ ରୁମ୍‌ର ସମ୍ପୂର୍ଣ୍ଣ ଚଟାଣ ନକ୍ସା (ଫ୍ଲୋର୍ ଲେଆଉଟ୍), ଯୋଗାଣକାରୀ ସଂସ୍ଥାଗୁଡ଼ିକର ତାଲିକା, ୨୦୨୪ର ଏକ ମିଳିତ ଯାଞ୍ଚ ବୈଠକର ବିବରଣୀ ଏବଂ କେତେକ ଗୁରୁତ୍ୱପୂର୍ଣ୍ଣ ବୀମା ପଲିସିର ନକଲ ଏଥିରେ ସାମିଲ ଅଛି। ଅନ୍ତର୍ଜାତୀୟ ସୁରକ୍ଷା ବିଶେଷଜ୍ଞ ଏବଂ 'ନ୍ୟୁକ୍ଲିୟର ଥ୍ରେଟ୍ ଇନିସିଏଟିଭ୍'ର ବରିଷ୍ଠ ନିର୍ଦ୍ଦେଶକ ନିକୋଲାସ ରୋଥ୍‌ଙ୍କ ଅନୁଯାୟୀ, ଏହି ତଥ୍ୟ ଲିକ୍ ପରମାଣୁ ପ୍ଲାଣ୍ଟର ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ବିପଦଜନକ ସଂଗଠନ ବା ଶତ୍ରୁ ପକ୍ଷ ଏହି ନକ୍ସା ସାହାଯ୍ୟରେ ପ୍ଲାଣ୍ଟର ଦୁର୍ବଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଆକ୍ରମଣର ଯୋଜନା କରିବାର ଆଶଙ୍କା ରହିଛି। ୨୦୧୮ ମସିହାରେ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ଏହି ପ୍ଲାଣ୍ଟର ୟୁନିଟ୍-୩ ଓ ୪ ର ନିର୍ମାଣ ପାଇଁ ଚୁକ୍ତି ହାସଲ କରିଥିଲା, ଯାହା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। କୁଡ଼ନକୁଲମ ପରମାଣୁ କେନ୍ଦ୍ର ସାଇବର ଆକ୍ରମଣର ଶିକାର ହେବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ୨୦୧୯ ମସିହାରେ ଉତ୍ତର କୋରିଆର ଏକ ହ୍ୟାକର୍ ଗ୍ରୁପ୍ ପକ୍ଷରୁ ଏହି ପ୍ଲାଣ୍ଟର ପ୍ରଶାସନିକ ନେଟୱର୍କକୁ ମାଲୱେର୍ ସାହାଯ୍ୟରେ ହ୍ୟାକ୍ କରାଯାଇଥିଲା।

# ଅଟକିଲା ଫ୍ରାନ୍ସ, ଫାଇନାଲରେ ସ୍ପେନ୍

## ୨-୦ରେ ହାରିଲା ଫ୍ରାନ୍ସ, ଏମ୍‌ବାପେଙ୍କ ସ୍ୱପ୍ନ ଅଧାରେ ରହିଲା

ଆର୍ଲିଂଟନ୍, ୧୫ା୭: ଫିଫା ବିଶ୍ୱକପ୍ ୨୦୨୬ରେ ଫ୍ରାନ୍ସର ଯାତ୍ରା ଶେଷ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ସମସ୍ତ ମ୍ୟାଚ୍ ଜିତିଥିବା ଫ୍ରାନ୍ସ ସେମିଫାଇନାଲରେ ସ୍ପନ୍ ବିପକ୍ଷରେ ପରାଜିତ ହୋଇଛି। ସ୍ପନ୍ ସେମିଫାଇନାଲରେ ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଏହା ୨୦୧୦ ଚାମ୍ପିଅନ୍ ସ୍ପନ୍‌ର ଦ୍ୱିତୀୟ ଫିଫା ବିଶ୍ୱକପ୍ ଫାଇନାଲ୍ ହେବ। ଫ୍ରାନ୍ସ ଦଳ ଲଗାତାର ତୃତୀୟ ଫିଫା ବିଶ୍ୱକପ୍ ଫାଇନାଲ୍ ଖେଳିବାକୁ ଚାହୁଁଥିଲା। କିନ୍ତୁ ସେମାନଙ୍କର ସ୍ୱପ୍ନ ଭାଙ୍ଗିଗଲା।

ଆଜିର ଏହି ନାଟକୀୟ ମୁକାବିଲାର ପ୍ରଥମ ୨୦ ମିନିଟ୍‌ର ଖେଳରେ ଉଭୟ ଦଳ ପରସ୍ପରର ଶକ୍ତି ଓ ରଣନୀତିକୁ ପରଖିଥିଲେ। ତେବେ ସ୍ପେନ୍ ପାଇଁ ସ୍ମରଣୀୟ ମୋଡ ମ୍ୟାଚ୍‌ରେ ୨୨ ମିନିଟ୍‌ରେ ଆସିଥିଲା। ଲୁକାସ ଡିଗ୍‌ନେ ବକ୍ସ ଭିତରେ ସ୍ପେନ୍‌ର





୧୯ବର୍ଷୀୟ ଫରୱାର୍ଡ ଲାମିନେ ୟାମଲଙ୍କୁ ଫାଉଲ୍ ମାରିଥିଲେ। ଫଳରେ ରେଫରି ସ୍ପେନ୍‌କୁ ପେନାଲ୍ଟି ପ୍ରଦାନ କରିଥିଲେ। ଏହି ସୁବର୍ଣ୍ଣ ସୁଯୋଗକୁ ଗୋଲ୍‌ରେ ରୂପାନ୍ତର କରି ସ୍ପେନ୍‌କୁ ମାଇକେଲ ଓୟାର୍ଜବଲ୍ ଆଗୁଆ କରି ଦେଇଥିଲେ। ପ୍ରଥମାର୍ଦ୍ଧର ଅବଶିଷ୍ଟ ୨୩ ମିନିଟ୍‌ରେ ମଧ୍ୟ ସ୍ପେନ୍ ତା'ର ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲା। ଦ୍ୱିତୀୟାର୍ଦ୍ଧର ତ୍ରୟୋଦଶ ମିନିଟ୍‌ରେ ପେଡ୍‌ରୋ ପୋରୋ ଆଉ ଏକ ସୁନ୍ଦର ଗୋଲ୍ ଦେଇ ସ୍ପେନ୍‌କୁ ୨-୦ରେ ଆଗୁଆ କରିଥିଲେ। ଫ୍ରାନ୍ସ ଶେଷ ଆଡକୁ ବହୁ ଚେଷ୍ଟା କରିଥିଲେ ବି ଗୋଟିଏ ହେଲେ ବି ଗୋଲ୍ ଦେବାକୁ ସକ୍ଷମ ହୋଇ ନପାରି ପରାଜିତ ହୋଇଥିଲା।

ସେମିଫାଇନାଲରେ ସ୍ପନଠାରୁ ପରାସ୍ତ ହେବା ପରେ ଫ୍ରାନ୍ସ ଲଗାତାର ତୃତୀୟ ବର୍ଷ ପାଇଁ ଏକ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛି। ସ୍ପନ ୨୦୨୪ ୟୁରୋ କପ୍ ସେମିଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଗତ ବର୍ଷ ଦୁଇ ଦେଶ ନେସନ୍ସ ଲିଗ୍ ସେମିଫାଇନାଲରେ ଭେଟିଥିଲେ, ଯେଉଁଠାରେ ଫ୍ରାନ୍ସ ମଧ୍ୟ ହାରିଥିଲା। ଏବେ ସ୍ପେନ ଫିଫା ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରିଛି।

ସ୍ପେନ ୨୦୧୦ରେ ପ୍ରଥମ ଥର ପାଇଁ ଫିଫା ବିଶ୍ୱକପ୍ ଜିତିଥିଲା। ସେବେଠାରୁ ତିନୋଟି ଟୁର୍ଣ୍ଣାମେଣ୍ଟରେ ଏହାର ପ୍ରଦର୍ଶନ ମଧ୍ୟମ ରହିଛି। ୨୦୧୪ରେ ଦଳ ଗ୍ରୁପ ପର୍ଯ୍ୟାୟରେ ବାଦ ପଡ଼ିଥିଲା। ୨୦୧୮ ଏବଂ ୨୦୨୨ରେ ଏହାର ଯାତ୍ରା ରାଉଣ୍ଡ ଅଫ୍ ୧୬ରେ ଶେଷ ହୋଇଥିଲା। ସମସ୍ତ ତିନୋଟି ଟୁର୍ଣ୍ଣାମେଣ୍ଟରେ, ଏହାର କେବଳ ତିନୋଟି ବିଜୟ ଅଛି। ଏଥର କେପ୍ ଭର୍ଡେ ଉଦଘାଟନୀ ମ୍ୟାଚରେ ସ୍ପେନକୁ ଡ୍ର ରଖିଥିଲା। ଦଳ ପରବର୍ତ୍ତୀ ବିଜୟ ସହିତ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ସ୍ପେନ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲର ବିଜେତା ସହିତ ମୁକାବିଲା କରିବ।

# ଇତିହାସ ରଚିଲେ ଶୁଭମନ ଗିଲ୍

ନୂଆଦିଲ୍ଲୀ୧୫ା୭: ଭାରତୀୟ କ୍ରିକେଟ ଦଳର ଯୁବ ଓପନିଂ ବ୍ୟାଟର ଶୁଭମନ ଗିଲ୍ ଏକଦିବସୀୟ କ୍ରିକେଟରେ ଏଭଳି ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି, ଯାହା ବିଶ୍ୱ କ୍ରିକେଟର ବଡ଼ ବଡ଼ ବ୍ୟାଟରମାନଙ୍କ ପାଇଁ ମଧ୍ୟ ସ୍ୱପ୍ନ ପାଲଟିଛି। ଦିନିକିଆ ଆନ୍ତର୍ଜାତୀୟକ୍ରିକେଟ ଇତିହାସରେ ଗିଲ୍ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଏକ ଅବିଶ୍ୱସନୀୟ ରେକର୍ଡ ନିଜ ନାମରେ କରିଛନ୍ତି। ବିଶ୍ୱ କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର, ରନ୍ ମେସିନ୍ ବିରାଟ କୋହଲି କିମ୍ବା ରୋହିତ ଶର୍ମାଙ୍କ ଭଳି ଖେଳାଳି ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ରେକର୍ଡ ପାଖାପାଖି ପହଞ୍ଚି ପାରିନାହାନ୍ତି।

ଏକଦିବସୀୟ କ୍ରିକେଟ୍‌ରେ ଗିଲ୍ ବିଶ୍ୱର ଏଭଳି ପ୍ରଥମ ବ୍ୟାଟବ୍ୟାଟର, ଯାହାଙ୍କର ବ୍ୟାଟିଂ ହାର ୬୦ ରୁ ଅଧିକ ରହିବା ସହ ଷ୍ଟ୍ରାଇକ୍ ରେଟ୍ ମଧ୍ୟ ୧୦୦ ରୁ ଅଧିକ ରହିଛି। ଦିନିକିଆ କ୍ରିକେଟ ଇତିହାସରେ ଅତିକମରେ ୧୦୦୦ ରନ୍ ସଂଗ୍ରହ



କରିଥିବା ବ୍ୟାଟବ୍ୟାଟରଙ୍କ ମଧ୍ୟରେ ଏପରି କାରନାମା କରିବାରେ ଶୁଭମନ ଗିଲ୍ ହେଉଛନ୍ତି ଏକମାତ୍ର ଖେଳାଳି।

କ୍ରିକେଟର ସବୁଠାରୁ ସଫଳ ବ୍ୟାଟବ୍ୟାଟର ବିରାଟ କୋହଲିଙ୍କର ଦିନିକିଆ ଆଭରେଜ୍ ୫୮ ରୁ ଅଧିକ ଥିବାବେଳେ ଷ୍ଟ୍ରାଇକ୍ ରେଟ୍ ୯୩ ପାଖାପାଖି ରହିଛି। ସେହିପରି ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟବ୍ୟାଟର ଏବି ଡିଭିଲିୟର୍ସଙ୍କ ଆଭରେଜ୍ ୫୩.୫ ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ୧୦୧ ରହିଛି। ଅନ୍ୟପଟେ ପାକିସ୍ତାନର ବାବର ଆଜମଙ୍କ ଆଭରେଜ୍ ୫୬ ରୁ ଅଧିକ ଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ୮୮ ପାଖାପାଖି ରହିଛି। କିନ୍ତୁ ଗିଲ୍ ଏହି ସବୁ ତାରକା ଖେଳାଳିଙ୍କୁ ବ୍ୟାଟିଂ ହାର ଓ ରନ୍ ଗତି ଉଭୟ ମାମଲାରେ ମାତ୍ ଦେଇ ଶୀର୍ଷରେ ପହଞ୍ଚିଛନ୍ତି।

## ପଦ ଛାଡିଲେ ଫ୍ରାନ୍ସ ପ୍ରଶିକ୍ଷକ ଡେସ୍‌ଚାମ୍ପ୍ସ

ଡାଲାସ୧୫ା୭: ଚଳିତ ଫିଫା ବିଶ୍ୱକପ୍ ସେମିଫାଇନାଲ୍‌ରେ ସ୍ପନ୍‌ଠୁ ହାରି ଫ୍ରାନ୍ସ ବିଦାୟ ନେବା ପରେ ଏହାର ପ୍ରଶିକ୍ଷକ ଡିଡିଅର୍ ଡେସ୍‌ଚାମ୍ପ୍ସ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୫୭ ବର୍ଷୀୟ ଡେସ୍‌ଚାମ୍ପ୍ସ ଖେଳାଳି ଭାବେ ୧୯୯୮ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଥିଲେ। ତାଙ୍କ ତତ୍ତ୍ୱାବଧାନରେ ଫ୍ରାନ୍ସ ଲଗାତାର ୨୦୧୮ ଓ ୨୦୨୨ରେ ଫାଇନାଲ୍‌ରେ ପହଞ୍ଚିଥିଲା। ୨୦୧୮ରେ ବି ଦଳ ବିଜେତା ହୋଇଥିଲା। ତାଙ୍କ ପ୍ରଶିକ୍ଷଣ ଦଳ ୧୮୪ ମ୍ୟାଚ୍ ଖେଳି ୧୨୦ଟିରେ ବିଜୟୀ ହୋଇଥିଲା ବେଳେ ୩୫ଟି ଡ୍ର ରଖିଥିଲା। କେବଳ ୨୯ଟିରେ ପରାଜୟର ସାମ୍ନା କରିଥିଲା। ଫଳରେ ବିଜୟ ପ୍ରତିଶତ ୬୫.୨ ରହିଥିଲା। ତାଙ୍କର ବିଦାୟ ପରେ ୧୯୯୮ ବିଶ୍ୱକପ୍ ବିଜେତା ଓ ୨୦୦୬ ଉପବିଜେତା ଫ୍ରାନ୍ସ ଦଳର ପ୍ରମୁଖ ଖେଳାଳି ଜିନାଡିନ୍ ଜିଡାନ ଏହି ଦାୟିତ୍ୱ ସମ୍ଭାଳିବାର ସମ୍ଭାବନା ରହିଛି।

# ମୁମ୍ବାଇ ଇଣ୍ଡିଆନ୍ସରୁ ବିଦା ହେବେ ପାଣ୍ଡ୍ୟା !

ମୁମ୍ବାଇ, ୧୫ା୭: ଆଇପିଏଲ୍ ୨୦୨୭ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ହୋଇପାରେ ବହୁତ ବଡ ପରିବର୍ତ୍ତନ । କୁହାଯାଉଛି ଟିମର ମୁଖ୍ୟ ପ୍ରଶିକ୍ଷକ ମହଲେ ଜୟବର୍ଦ୍ଧନେ ନିକଟରେ ସଂପନ୍ନ ୨୦୨୬ ସିଜିନର ରିପୋର୍ଟ ଦଳ ପ୍ରବନ୍ଧକଙ୍କୁ ପ୍ରଦାନ କରିଛନ୍ତି । ଆସନ୍ତା ସପ୍ତାହରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରବନ୍ଧକ ବା ମ୍ୟାନେଜମେଣ୍ଟ ସମୀକ୍ଷା ବୈଠକ କରିପାରନ୍ତି । ଏହି ବୈଠକରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ବଡ ନିଷ୍ପତ୍ତି ନିଆଯାଇପାରେ । ଉଲ୍ଲେଖନୀୟ ହାର୍ଦ୍ଦିକଙ୍କ ଟ୍ରେଡକୁ ନେଇ କ୍ରିକେଟ ଜଗତରେ ବହୁତ ଚର୍ଚ୍ଚା ଲାଗି ରହିଛି । ଚେନ୍ନାଇ ସୁପର କିଙ୍ଗସଠୁ ନେଇ କୋଲକାତା ନାଇଟ୍ ରାଇଡର୍ସ ପରି ବଡ ଟିମ୍ ମଧ୍ୟ ଭାରତର ଏହି ତାରକା ଅଲରାଉଣ୍ଡରଙ୍କୁ ନିଜ ଟିମରେ ସାମିଲ୍ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ।






# ବିଶ୍ୱକପ ଫର୍ମାଟରେ ବଡ ପରିବର୍ତ୍ତନ

ଦୁବାଇ, ୧୫ା୭: ଆଗାମୀ ୨୦୨୭ ଦିନିକିଆ ଓ ୨୦୨୮ ଟି-୨୦ ବିଶ୍ୱକପ ଫର୍ମାଟରେ ଆଇସିସି କରିଛି ବଡ ପରିବର୍ତ୍ତନ। ଆଇସିସିର ବାର୍ଷିକ ସାଧାରଣ ପରିଷଦ ବୈଠକରେ ନୂଆ ଫର୍ମାଟ ଉପରେ ମୋହର ବାଜିଛି। ପାରମ୍ପରିକ ଫର୍ମାଟକୁ ବଦଳାଇ ନୂଆ ଢାଞ୍ଚାରେ ବିଶ୍ୱକପର ମ୍ୟାଚ୍ ଆୟୋଜନ କରିବାକୁ ଆଇସିସି ନିଷ୍ପତ୍ତି ନେଇଛି।

ଆସୋସିଏଟ୍ ଦେଶଗୁଡ଼ିକର ତିନିଜଣ ପ୍ରତିନିଧି ସାମିଲ ଥିବା ଆଇସିସି ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟି ଦେଇଥିବା ପ୍ରସ୍ତାବକୁ ଅନୁମୋଦନ କରିଛି। ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟି ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ପୂର୍ଣ୍ଣ ଓ ଆସୋସିଏଟ୍ ସଦସ୍ୟମାନଙ୍କ ପ୍ରତିନିଧି ରହିଛନ୍ତି।ମ୍ୟାଚ୍‌ଗୁଡ଼ିକୁ ଅଧିକ ଅର୍ଥପୂର୍ଣ୍ଣ କରିବା, ପ୍ରତିଯୋଗିତାର ମାନ ବଢ଼ାଇବା, ଉଭୟ ଇଭେଣ୍ଟର ପ୍ରତିଯୋଗିତାମୂଳକ ଢାଞ୍ଚାକୁ ସୁଦୃଢ଼ କରିବା ଓ ପ୍ରଶଂସକମାନଙ୍କ ପାଇଁ ଟୁର୍ଣ୍ଣାମେଣ୍ଟର ଅନୁଭୂତିକୁ ଅଧିକ ଭଲ କରିବା ପାଇଁ ଫର୍ମାଟରେ ପରିବର୍ତ୍ତନ କରାଯାଇଥିବା ଆଇସିସି କହିଛି।

ଆଇସିସି ପୁରୁଷ କ୍ରିକେଟ ଦିନିକିଆ ବିଶ୍ୱକପ ୨୦୨୭ର ଆୟୋଜନ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିୟା କରିବେ। ଏହି ଦିନିକିଆ ବିଶ୍ୱକପରେ ୧୪ଟି ଦେଶ ଭାଗ ନେବେ। ୩ଟି ପର୍ଯ୍ୟାୟରେ ମ୍ୟାଚ୍ ଖେଳାଯିବା ପରେ ଟ୍ରଫି ଟକ୍କର ହେବ। ରାଉଣ୍ଡ ୧- ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଥିବା ୧୪ଟି ଟିମ ମଧ୍ୟରୁ ସବୁଠାରୁ ତଳେ ରହିଥିବା ୩ଟି ଦଳକୁ ନେଇ ସୁପର ସିରିଜ ଖେଳାଯିବ। ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବାକୁ ଥିବା ଏହି ସିରିଜର ବିଜେତା ପରବର୍ତ୍ତୀ ରାଉଣ୍ଡକୁ ଯିବ। ରାଉଣ୍ଡ ୨(୩୦ଟି ମ୍ୟାଚ୍)- ଯୋଗ୍ୟତା ଅର୍ଜନ କରିଥିବା ୧୨ଟି ଟିମ ୩ଟି ଗ୍ରୁପରେ ବିଭକ୍ତ ହେବେ। ଉଭୟ ଗ୍ରୁପ ରାଉଣ୍ଡ ରବିନ ଫର୍ମାଟରେ ମ୍ୟାଚ୍ ଖେଳିବେ। ଦୁଇ ଗ୍ରୁପର ଟପ ୩ଟି ଲେଖାଏ ଟିମ ସହ ଉଭୟ ଗ୍ରୁପରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳକୁ ନେଇ ସୁପର ୭ ଷ୍ଟେଜ ମ୍ୟାଚ୍ ଖେଳାଯିବ।

ରାଉଣ୍ଡ ୩ ସୁପର ୭(୨୧ ମ୍ୟାଚ୍): ଏହି ପର୍ଯ୍ୟାୟ ମଧ୍ୟ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ। ୭ଟି ଟିମ ପରସ୍ପର ସହ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ। ଶେଷରେ ଟପ ୪ ଟିମ ସେମି ଫାଇନାଲରେ ପ୍ରବେଶ କରିବେ।

ତାଲିକାର ୧ ନମ୍ବରରେ ରହୁଥିବା ଦଳ ୪ ନମ୍ବର ସହ ଓ ୨ ନମ୍ବର ଏବଂ ୩ ନମ୍ବର ଦଳ ମଧ୍ୟରେ ସେମି ଫାଇନାଲ ଖେଳାଯିବ। ସେମି ଫାଇନାଲରେ ଜିତିବାକୁ ଥିବା ଦଳ ଶେଷରେ ଟ୍ରଫି ପାଇଁ ଟକ୍କର କରିବେ।

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ପୂର୍ବଭଳି ୨୦ଟି ଟିମକୁ ନେଇ ଖେଳାଯିବ। ଏହାର ଆୟୋଜନ ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ କରିବେ। ଏହାର ଫର୍ମାଟରେ ମଧ୍ୟ ପରିବର୍ତ୍ତନ କରାଯାଇ ସୁପର ୧୦ ଷ୍ଟେଜ ଯୋଡା ଯାଇଛି।

ଗ୍ରୁପ ପର୍ଯ୍ୟାୟ(୩୦ ମ୍ୟାଚ୍): ଯୋଗ୍ୟତା ହାସଲ କରିଥିବା ୨୦ଟି ଦଳକୁ ୫ଟି ଗ୍ରୁପରେ ବିଭକ୍ତ କରାଯିବ। ପ୍ରତିଟି ଗ୍ରୁପରେ ୪ଟି ଲେଖାଏ ଦଳ ରହିବେ। ୨୦୨୬ ଟି-୨୦ ବିଶ୍ୱକପରେ ୫ଟି ଲେଖାଏ ଦଳକୁ ୪ଟି ଗ୍ରୁପରେ ପରିଣତ କରାଯାଇଥିଲା। ୨୦୨୮ରେ ୪ଟି ଲେଖାଏ ଦଳକୁ ନେଇ ଗ୍ରୁପ କରାଯିବ। ପ୍ରତିଟି ଗ୍ରୁପରୁ ଟପ ୨ଟି ଲେଖାଏ ଦଳ ସୁପର ୧୦ ପର୍ଯ୍ୟାୟକୁ ଯିବେ। ସୁପର ୧୦(୨୦ ମ୍ୟାଚ୍): ଏହି ପର୍ଯ୍ୟାୟରେ ଯୋଗ୍ୟ ୧୦ ଦଳକୁ ଦୁଇଟି ଗ୍ରୁପରେ ପରିଣତ କରାଯିବ। ପ୍ରତିଟି ଗ୍ରୁପରେ ୫ଟି ଲେଖାଏ ଟିମ ରହିବେ ଓ ରାଉଣ୍ଡ ରବିନ ଫର୍ମାଟରେ ମ୍ୟାଚ୍ ଖେଳାଯିବ। ପ୍ରତିଟି ଗ୍ରୁପର ବିଜେତା ବା ୧ ନମ୍ବର ସ୍ଥାନରେ ରହୁଥିବା ଦଳ ସିଧା ସଳଖ ସେମି ଫାଇନାଲକୁ ଯିବେ। ଏଲିମିନେଟର(୨ଟି ମ୍ୟାଚ୍): ବାକି ୨ଟି ସେମି ଫାଇନାଲ ସ୍ଥାନ ନୂଆ କରି ଆରମ୍ଭ କରାଯାଉଥିବା ଏଲିମିନେଟର ରାଉଣ୍ଡରେ ନିର୍ଦ୍ଧାରଣ କରାଯିବ। ଗ୍ରୁପ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହିଥିବା ଟିମ ଅନ୍ୟ ଗ୍ରୁପର ତୃତୀୟ ସ୍ଥାନରେ ଥିବା ଦଳ ସହ ଏଲିମିନେଟର ଖେଳିବ। ଏଲିମିନେଟରର ବିଜେତା ସେମି ଫାଇନାଲରେ ପ୍ରବେଶ କରିବେ। ସେମି ଫାଇନାଲ ଓ ଫାଇନାଲ ପ୍ରଚଳିତ ଫର୍ମାଟ ଅନୁସାରେ ଖେଳାଯିବ। ୨୦୨୬ ଟି-୨୦ ବିଶ୍ୱକପ୍‌ର ପ୍ରଦର୍ଶନ ଓ ରାଙ୍କିଙ୍ଗ୍ ଆଧାରରେ ଏବେ ଠାରୁ ୨୦୨୮ ପାଇଁ ୧୨ଟି ଦଳ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ସେହି ଦଳଗୁଡ଼ିକ ହେଲେ: ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆୟର୍ଲାଣ୍ଡ, ନ୍ୟୁଜିଲ୍ୟାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ।

ଗ୍ଲୋବାଲ୍ କ୍ୱାଲିଫାୟର୍: ୨୦୨୮ ଟି-୨୦ ବିଶ୍ୱକପ୍‌ର ବାକି ୮ଟି ସ୍ଥାନ ଗୋଟିଏ ୧୬ ଦଳ ବିଶିଷ୍ଟ 'ଗ୍ଲୋବାଲ୍ କ୍ୱାଲିଫାୟର୍' ମାଧ୍ୟମରେ ପୂରଣ କରାଯିବ। ୨୦୨୬ ସଂସ୍କରଣରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା କିନ୍ତୁ ସ୍ୱୟଂଚାଳିତ ଭାବେ ଯୋଗ୍ୟତା ଅର୍ଜନ କରିପାରି ନଥିବା ୮ଟି ଦଳ ସିଧାସଳଖ ଏହି ୧୬-ଦଳୀୟ ଗ୍ଲୋବାଲ୍ କ୍ୱାଲିଫାୟର୍ ଖେଳିବେ। ସେହି ଦଳଗୁଡିକ ହେଲେ- କାନାଡା, ଇଟାଲୀ, ନାମିବିୟା, ନେପାଳ, ନେଦରଲ୍ୟାଣ୍ଡସ୍, ଓମାନ, ସଂଯୁକ୍ତ ଆରବ ଏମିରେଟ୍ସ ଓ ଆମେରିକା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ